ସକାଳ THE SAKALA



# ମା'ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା

## ପ୍ରଥମ ପାଳିରେ ମହାକାଳୀ ବେଶ





**ପୁରୁଷୋତ୍ତମପୁର,୧୦ ।୩(ସମିସ):** ଗଞ୍ଜାମ ଜିଲ୍ଲା ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଆରମ୍ଭ ହୋଇଛି । ପ୍ରଥମ ପାଳି ମଙ୍ଗଳବାରରେ ସକାଳୁ ସକାଳୁ ଭକ୍ତଙ୍କ ଗହଳିରେ ସମଗ୍ର ରତ୍ନଗିରି ପାହାଡ଼ ପ୍ରକମ୍ପିତ ହୋଇଥିଲା । ଭକ୍ତ ମାନେ ମା'ଙ୍କୁ ଦର୍ଶନ କରିବା ନିମନ୍ତେ ମନ୍ଦିରକୁ ଛୁଟି ଆସିଥିଲେ । ନିଜର ମନସ୍କାମନା ପୂର୍ଣ୍ଣ ହେବା ଲାଗି ମାନସିକଧାରୀ ମାନେ ନିଜ ନିଜ ପିଲାଙ୍କର ମୁଣ୍ଡନ କରିଥିଲେ । ମୁଣ୍ଡନ କରିବା ପରେ ଅମୃତ କୁଡିଆ ଧରି ଧାଡ଼ିରେ ଯାଇ ମା'ଙ୍କୁ ଦର୍ଶନ କରି ଆଶିଷ ନେଉଥିଲେ ଭକ୍ତ। ସେହିପରି ଅନେକ ଭକ୍ତ ୯୯୯ ପାହାଚ ଚଢ଼ି ମା'ଙ୍କୁ ଦର୍ଶନ କରୁଥିବା ବେଳେ ଆଉ କିଛି ଭକ୍ତ ସିଟି ବସ ଓ ରୋପୱେ ଯୋଗେ ମା'ଙ୍କ ମନ୍ଦିରରେ ପହଞ୍ଚିଥିଲେ ।

ରାତି ୨ଟାରେ ମନ୍ଦିର ଦ୍ୱାର ଫିଟା ହୋଇ ମାଜଣା, ମଙ୍ଗଳ ଆଳତି, ସିଂଗାର, ଅବକାଶ ଆଦି ପରମ୍ପରା ଅନୁସାରେ ସମସ୍ତ ରୀତିନୀତି କରାଯାଇ ପୂଜାର୍ଚ୍ଚନା ହୋଇଥିଲା । ଭୋର ୪ଟାରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତୀ ଭାସନ ଓ ତାଙ୍କ ପତ୍ନୀ ମନ୍ଦିରରେ ପହଞ୍ଚି ମା'ଙ୍କ ଠାରେ ପୂଜାର୍ଚ୍ଚନା କରି ପଞ୍ଚାମୃତ ହାଣ୍ଡିକୁ ମୁଣ୍ଡାଇ ବେଢା ପରିକ୍ରମା କରି ବିସର୍ଜନ କରିଥିବା ବେଳେ ଜିଲ୍ଲାବାସୀଙ୍କ ମଙ୍ଗଳ କାମନା କରିଥିଲେ । ତାରାତାରିଣୀ ଦୁଇ ଭଉଣୀଙ୍କୁ ସେବାୟତ ମାନେ ମହାକାଳୀ ବେଶରେ ସଜ୍ଜିତ କରାଇବା ପରେ ଭୋର ସକାଳ ୪.୩୦ରେ ସାହାଣ ମେଲା ହୋଇ ମା' ମହାକାଳୀ ରୂପରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ମା'ଙ୍କ ପ୍ରଥମ ମଙ୍ଗଳବାର ରହିଥିବା ଯୋଗୁଁ କିଭଳି ଭକ୍ତମାନେ ମା'ଙ୍କୁ ଦର୍ଶନ କରୁଛନ୍ତି ତାହାର ତଦାରଖ କରିଥିଲେ ନିଜେ ଜିଲ୍ଲାପାଳ ।

ଭକ୍ତ ମାନଙ୍କୁ ଯେଭଳି କୌଣସି ଅସୁବିଧା ନ ହୁଏ ସେଥିନିମନ୍ତେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ ତତ୍ତ୍ୱାବଧାନରେ ଆଇଆଇସି କୁଳମଣି ସେଠୀ ଓ ପୁଲିସ ଫୋର୍ସ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବାରେ ଲାଗିଥିବାବେଳେ ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଶ ବରାଳ, ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦକୁମାର ବେହେରା, ବିଡିଓ ଶରତକୁମାର ପାତ୍ର, ଏନଏସି ନିର୍ବାହୀ ଅଧିକାରୀ ସଂଗିତା ସେଠୀ ଓ ଅତିରିକ୍ତ ତହସିଲଦାର ଦେବାଶିଷ ମହାପାତ୍ର ଉପସ୍ଥିତ ରହି ଯାତ୍ରାକୁ ପରିଚାଳନା କରିଥିବାବେଳେ ସମସ୍ତ ବ୍ଲକ, ତହସିଲ ଓ ଏନ୍‌ଏସି କର୍ମଚାରୀ, ସେବାୟତ, ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ ।

# ଖମ୍ବେଶ୍ୱରୀଙ୍କ ଚୈତ୍ର ପର୍ବ; ଶତାଧିକ ପିଲାଙ୍କ ମୁଣ୍ଡନ



**ଆସିକା,୧୦ ।୩(ସମିସ):** ଗଞ୍ଜାମ ଜିଲ୍ଲାର ଆରାଧ୍ୟ ଦେବୀ ତଥା ଆସିକା ବିଜେ ମାଁ ଖମ୍ବେଶ୍ୱରୀ ଠାକୁରାଣୀଙ୍କ ଚୈତ୍ର ପର୍ବ ଆରମ୍ଭ ହୋଇଛି । ପ୍ରଥମ ମଙ୍ଗଳବାରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଏହି ଅବସରରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଭକ୍ତଙ୍କ ସମାଗମ ହୋଇଥିଲା । ନିଜ ସନ୍ତାନଙ୍କ ପ୍ରଥମ ଚୁଟିକୁ ଏହି ପୀଠରେ ପକାଇଲେ ପିଲାଙ୍କ ଅଭିଷ୍ଟ ସିଦ୍ଧି ପ୍ରାପ୍ତ ହୁଏ ବୋଲି କେଉଁ ଆବାହମାନ କାଳରୁ ଏହି ପ୍ରଥା ଚାଲି ଆସିଛି । ତେଣୁ ପୀଠରେ ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାରରେ ଭକ୍ତମାନେ ଆସି ପିଲାଙ୍କୁ ମୁଣ୍ଡନ କରି ମା'ଙ୍କ ପ୍ରିୟ ପଞ୍ଚାମୃତକୁ ଅର୍ପଣ କରି ଭୋଗ ଲାଗି କରିଥାନ୍ତି । ମା'ଙ୍କ ସ୍ୱତନ୍ତ୍ର ପୂଜା ବିଧି ପ୍ରକାରେରେ ପ୍ରାତଃ କାଳରେ ଦ୍ୱାରଫିଟା ନୀତି, ମହାସ୍ନାନ, ବେଶ, ଆଳତୀ , ବାଳଭୋଗ ପରେ ମାଁଙ୍କ ଦର୍ଶନ ଆରମ୍ଭ ହୋଇଥିଲା । ମଧ୍ୟାହ୍ନ ଭୋଗ, ପହଡ଼ ସନ୍ଧ୍ୟା ଆଳତୀ ଏବଂ ରାତ୍ର ଭୋଗ ପରେ ଠାକୁରାଣୀଙ୍କ ବିଜେ ପ୍ରତିମା ଏକ ପିତଳ ସିଂହବିମାନ ଉପରେ ବିରାଜମାନ କରାଯାଇ ନଗର ପରିକ୍ରମାରେ ଭକ୍ତ ଯାଆନ୍ତି । ଏହି ସମୟରେ ଭକ୍ତମାନେ ନିଜ ଘରର ଦାଣ୍ଡ ଦ୍ୱାରରେ ପୂର୍ଣ୍ଣକୁମ୍ଭ ବାଡ଼ି ଦୀପ ପ୍ରଜ୍ୱଳନ କରି ମା'ଙ୍କ ପ୍ରିୟଭୋଗ ପଣା ଅର୍ପଣ କରନ୍ତି । ନଗର ପରିକ୍ରମାରେ ମା'ଖମ୍ବେଶ୍ୱରୀ ପାଟଣା, କୋର୍ଟ ଛକ, ବିନୋବା ମାର୍ଗ, ଲକ୍ଷ୍ମୀ ବଜାର, ବସଷ୍ଟାଣ୍ଡକୁ ଯାଇ ହରିହର ନଗର ଦେଇ ଶେଷରେ ଗମ୍ଭୀରା ବିଜେ କରନ୍ତି । କାର୍ଯ୍ୟକ୍ରମ ପରିଚାଳନା ସକାଶେ କମିଟି ପକ୍ଷରୁ ସଭାପତି ସତ୍ୟନାରାୟଣ ସ୍ୱାଇଁ, ଯାତ୍ରା କମିଟି ସଭାପତି ନିମେଇ ପାଣିଗ୍ରାହୀ, ମୁଖ୍ୟ ପୂଜକ ମନୋଜ ମୁନୀ ତତ୍ତ୍ୱାବଧାନରେ ପୂଜା ନୀତି ସମାପନ ହୋଇଥିଲା । ଏଥିରେ ପରିଚାଳନା କମିଟି ସଦସ୍ୟ ସଚ୍ଚିଦାନନ୍ଦ ଖଟେଇ, ପିଣ୍ଟୁ ପ୍ରଧାନ, ସନ୍ତୋଷ ପାଣିଗ୍ରାହୀ, ଟିଙ୍କୁ ସ୍ୱାଇଁ, ଦିପୁ ପ୍ରଧାନ, ଗ୍ରାମବାସୀ, ସେବାୟତ ଓ ବାରିକ ମାନେ ସହଯୋଗ କରିଥିଲେ ।

# ପାଉଁଶ ଗଦାରେ ପୋଡ଼ିହୋଇ ନାବାଳିକା ଗୁରୁତର

**ଆସିକା,୧୦ ।୩(ସମିସ):** ମଙ୍ଗଳବାର ଅପରାହ୍ନରେ ଆସିକା ଚିନି କଳରୁ ବାହାରିଥିବା ପାଉଁଶ ନିଆଁରେ ପଶି ଜଣେ ନାବାଳିକା ଗୁରୁତର ହୋଇଛନ୍ତି । ପଥରା ଅଞ୍ଚଳର ଜି.ମିଥୁନ୍ଙ୍କ ୭ ବର୍ଷୀୟ ଝିଅ ନିଜ ବାପା ମା'ଙ୍କ ସହ ଘୁଷୁରୀ ଚରାଇ ଆସିଥିବାବେଳେ ପାଉଁଶ ଗଦା ମଧ୍ୟରେ ପଶି ଯାଇଥିଲେ । ପାଉଁଶ ନିଆଁରେ ନାବାଳିକାର ଦୁଇ ହାତ, ଗୋଡ଼ ପୋଡି ଯାଇଥିବା ବେଳେ ତାଙ୍କୁ ପ୍ରଥମେ ଆସିକା ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ହେଲେ ଚିନିକଳ କର୍ତ୍ତୃପକ୍ଷ ପାଉଁଶରେ ନିଆ ଥିବା ସମୟରେ କିପରି କଳ ବାହାରେ ତାହା ଗଦା କରିଥିଲେ ତାହାକୁ ନେଇ ଉଠିଛି ପ୍ରଶ୍ନ । ସୂଚନାଥାଉକି ଗୁରୁତର ଆହତ ନାବାଳିକା ଝିଅକୁ ଚିନିକଳ କର୍ତ୍ତୃପକ୍ଷ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ରଙ୍ଗେଇଲୁଣ୍ଡା,୧୦ ।୩(ସମିସ):** ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ଗାଁ ନିକଟ ରାଜପଥରେ ଏକ ଟ୍ରକ ଏକ ବାଇକକୁ ପଛରୁ ଧକ୍କା ଦେବା ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତ ହେଲେ ବ୍ରହ୍ମପୁର ବଡବଜାର ଥାନା ଅଧୀନ ଲକ୍ଷ୍ମୀନୃସିଂହ ସାହିର ସୁନୀଲ କୁମାର ସାହୁ (୨୬) । ମଙ୍ଗଳବାର ସନ୍ଧ୍ୟା ସାଢେ ୫ଟା ବେଳେ ସୁନୀଲ କୌଣସି ଏକ କାମରେ ପାରଳାଖେମୁଣ୍ଡିରୁ ନିଜ ବାଇକ ନଂ ଓଡି୦୭ ଏ ଡବ୍ଲୁ-୭୫୯୬ ଯୋଗେ ବ୍ରହ୍ମପୁର ଫେରୁଥିବା ବେଳେ କନିଷି ଗାଁ ନିକଟରେ ପଛରୁ ଏକ ନଡ଼ିଆ ବୋଝେଇ ଟ୍ରକ ଡବ୍ଲୁ.ବି ୩୩ବି- ୯୧୮୫ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁନୀଲ ରୋଡ଼ରେ ଛିଟିକି ପଡିବା ସହ ଟ୍ରକଟି ତାଙ୍କ ଦେହ ଉପରେ ମାଡ଼ିଯାଇଥିଲା । ଘଟଣାସ୍ଥଳରେ ହିଁ ସୁନୀଲଙ୍କ ମୃତ୍ୟୁ ଘଟିଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା । ପୁଲିସ ଟ୍ରକ୍ ଚାଳକକୁ କାବୁ କରିବା ସହ ବାଇକ ଏବଂ ଟ୍ରକକୁ ଜବତ କରିଛି । ମୃତ ସୁନୀଲ ବ୍ରହ୍ମପୁର ଏକ ଔଷଧ ଦୋକାନରେ କାମ କରୁଥିବା ଜଣାପଡିଛି ।

# ବିଭିନ୍ନ ସମସ୍ୟା ନେଇ ପୋର୍ଟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା

**ଛତ୍ରପୁର,୧୦ ।୩(ସମିସ):** ଗୋପାଳପୋର୍ଟରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ପୋର୍ଟ କର୍ତ୍ତୃପକ୍ଷଙ୍କ ସହିତ ଏକ ସୌଜନ୍ୟ ସାକ୍ଷାତ କରି ସମାଧାନ ଲାଗି ପୋର୍ଟ ମଜଦୁର ସଂଘ, ଗୋପାଳପୁରର କର୍ମକର୍ତ୍ତା ମାନେ ଆଲୋଚନା କରିଛନ୍ତି । କାର୍ଯ୍ୟକ୍ରମରେ ସଭାପତି ଅର୍ଜୁନ ବେହେରା, କାର୍ଯ୍ୟକାରୀ ସଭାପତି ଜି. ଜଗନ୍ନାଥ, ଉପ -ସଭାପତି ସିଏଚ.ଆର୍ଯ୍ୟେୟା ଓ ଏନ. ଦୀନବନ୍ଧୁ, ସାଧାରଣ ସମ୍ପାଦକ ଜି. ଦାଲେୟ, ସମ୍ପାଦକ ଏ.କରଲେୟା, କାର୍ଯ୍ୟକାରୀ ସଦସ୍ୟ ବି ପୁଷ୍ପମା, ଏନ.ନାଲୁଡୁ, ୟୁ ଦିଲେମା, ଡବ୍ଲୁ. କରଲେମା, ଜି ଅପ୍ପନା, ଓ ତ୍ରିନାଥ ଉପସ୍ଥିତ ରହିଥିଲେ । ଏହି ୟୁନିୟନ ସରକାରଙ୍କ ଦ୍ୱାରା ପଞ୍ଜିକୃତ ଏବଂ ଭାରତୀୟ ମଜଦୁର ସଂଘ ସହିତ ସହବନ୍ଧିତ ଅଟେ । ଗତ ୨୦୨୫ ମଇ ମାସ ଠାରୁ ଗଠନ ହୋଇ ବିଭିନ୍ନ ସମୟରେ ବିଭିନ୍ନ ଶ୍ରମିକ ସମସ୍ୟା ଗୁଡିକୁ ଲିଖିତ ଦାବି ଭାବରେ ଉପସ୍ଥାପନା କରିଛନ୍ତି ବୋଲି ସଭାପତି ଶ୍ରୀ ବେହେରା କହିଛନ୍ତି ।

# ତହସିଲଦାରଙ୍କୁ ବାସହୀନ ମହିଳାଙ୍କ ଦାବିପତ୍ର



**ରମ୍ଭା,୧୦ ।୩(ସମିସ):** ବାହାଡାପାଲୀ ସାବୁଳିଆର ଲାଲୀ ଦାସ ସ୍ୱାମୀ ଧର୍ମେନ୍ଦ୍ର ପାତ୍ରୀ ଜଣେ ବାସହୀନ ଗରିବ ଦିନମଜୁରିଆ ଅଟେ । ବାସହୀନ ଯୋଗୁଁ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି । ସେ ବାସହୀନ ପରିବାର ହେତୁ ସରକାରୀ ଯୋଜନାରେ ବାସ ଗୃହ ପାଇବା ପାଇଁ ଦଳିତ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରାଙ୍କ ସହଯୋଗରେ ରମ୍ଭା ରାଜସ୍ୱ ନିରୀକ୍ଷକ ଜରିଆରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ତେଣୁ ଅତିଶୀଘ୍ର ବାସହୀନ ଯୋଜନାରେ ବାସ ପାଇବା ପାଇଁ ସରକାରଙ୍କ ପାଖରେ ଦାବି କରିଛନ୍ତି । ସେହିଭଳି ରମ୍ଭା ଅଞ୍ଚଳବାସୀ ସମେତ ପାଖ ଅଞ୍ଚଳରେ ମଧ୍ୟ ଶତାଧିକ ପରିବାର ବାସହୀନ ରହିଛନ୍ତି । ତେଣୁ ଅତିଶୀଘ୍ର ଚିହ୍ନଟ କରି ବାସ ଯୋଗାଇଦେବା ପାଇଁ ପ୍ରଶାସନ ପାଖରେ ଭୀମସେନ ବେହେରା ଦାବି ଉପସ୍ଥାପନା କରିଛନ୍ତି । ଏହା ପୂର୍ବରୁ ରାଜସ୍ୱ ମନ୍ତ୍ରୀଙ୍କ ପାଖରେ ମଧ୍ୟ ଅବଗତ କରାଇଛନ୍ତି ।

# ଶିକ୍ଷା ମହାବିଦ୍ୟାଳୟରେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

**ଭଞ୍ଜନଗର,୧୦ ।୩(ସମିସ):** ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡକ୍ଟର ଦିଲ୍ଲୀପ କୁମାର ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଏକ ଦୁଇ ଦିନିଆ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗରର ଚାରିଟି ସରକାରୀ ଉଚ୍ଚବିଦ୍ୟାଳୟର ଚାରିଜଣ ଶିକ୍ଷକ ଉକ୍ତ ପ୍ରଦର୍ଶନୀରେ ବିଚାରକ ଭାବେ ଯୋଗଦେଇ ଶିକ୍ଷଣ ସାମଗ୍ରୀ ଗୁଡ଼ିକୁ ମୂଲ୍ୟାୟନ କରିଥିଲେ । ସେହିପରି ତା.୧୦.୦୩.୨୦୨୬ ରିଖରେ ପ୍ରଥମ ବର୍ଷ ବି.ଏଡ୍‌ର ଗୁରୁ ଛାତ୍ରଛାତ୍ରୀ ମାନେ ବିଭିନ୍ନ ବିଷୟ ଭିତ୍ତିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ ଏବଂ ଏହାକୁ ବିଚାରକ ମାନେ ମୂଲ୍ୟାୟନ କରିଥିଲେ । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଶୈକ୍ଷିକ ଦାୟିତ୍ୱରେ ଥିବା ସହକାରୀ ପ୍ରଫେସର ପ୍ରକାଶ କୁମାର ସାହୁ ଏବଂ ଶ୍ରୀହର୍ଷ ବାଳା ପରିଚାଳନା କରିଥିଲେ । ସହକାରୀ ପ୍ରଫେସର ଡକ୍ଟର ରଞ୍ଜନ କୁମାର ନାୟକ, ଡକ୍ଟର ସତ୍ୟବାଦୀ ମାଝୀ, ଡକ୍ଟର ବାବୁରାମ ପାଣି, କେ. ପ୍ରକାଶ ରେଡ଼ି, ଅମିତ୍ ମିସାଲ, ସସ୍ମିତା ବେହେରା, ଅଶ୍ୱିନ କୁମାର ସାହୁ, ଅକ୍ଷୟ କୁମାର ସେଠୀ, ବନଲତା ସାମଲ ଓ ଅଣଶିକ୍ଷକ କର୍ମଚାରୀ ଜ୍ୟୋତ୍ସ୍ନା କର, ମାନସ ସାଗର ବେହେରା, ମହେଶ କୁମାର ପଟ୍ଟନାୟକ, ଏମ୍. ରମେଶ କୁମାର, ଅକ୍ଷୟ କୁମାର ସାହୁ, ରଙ୍କନିଧି ସାହୁ ଏବଂ ମନୁ ନାଏକ ସହଯୋଗ କରିଥିଲେ ।

# ମା'ରାମାୟଣାମ୍ମାଙ୍କ ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ



**ଛତ୍ରପୁର,୧୦ ।୩(ସମିସ):** ଛତ୍ରପୁର ସହରରର ଗ୍ରାମ୍ୟ ଦେବୀ ମା' ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା ପ୍ରତି ଦୁଇ ବର୍ଷକୁ ଥରେ ଆନୁଷ୍ଠାନିକ ଭାବେ ହୋଇଆସୁଛି । ଚଳିତ ବର୍ଷ ମା'ଙ୍କ ଯାତ୍ରା ଧୂମଧାମରେ ପାଳନ କରାଯିବ । ଏଥି ନିମନ୍ତେ ପରିଚାଳନା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି । ଯାତ୍ରା ନିମନ୍ତେ ସୋମବାର ମ୍ୟାନଜର ସିଏଚ. ଦୟାନନ୍ଦ ରେଡ୍ଡୀଙ୍କ ନେତୃତ୍ୱରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ପାରମ୍ପରିକ ରୀତିନୀତି ଅନୁଯାୟୀ ସହରର କପିଳ ସାହିର ବୃନ୍ଦାବନ ସାହୁଙ୍କ ପରିବାରର ସଦସ୍ୟ ଲୋକନାଥ ସାହୁଙ୍କ ଠାରୁ ଗଜାମୂଆଁ, ଏମ୍. ଗୋପୀନାଥ ପାତ୍ରଙ୍କ ଘରୁ ପଣା ଏବଂ ମେଇନ ରୋଡ଼ ସ୍ଥିତ ସନ୍ତୋଷ କୁମାର ସାସମଲଙ୍କ ଘରୁ କାକରା ପିଠା ଯାତ୍ରା ପରିଚାଳନା କମିଟି ତରଫରୁ ସଂଗ୍ରହକରି ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ମା'ଙ୍କ ମନ୍ଦିରକୁ ଆସିଥିଲେ । ସେଠାରେ ମା'ଙ୍କ ଆଜ୍ଞାମାଳ ଧରି ଛତ୍ରପୁର ସହର ପରିକ୍ରମା କରି ମା'ଙ୍କ ଅସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲେ । ସେଠାରେ ପାରମ୍ପରିକ ନୀତି ଅନୁସାରେ ପୂଜାର୍ଚ୍ଚନା କରି ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା । ଏହି ଅବସରରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଏଥିରେ ଠାକୁରାଣୀ ଯାତ୍ରା ପରିଚାଳନା କମିଟିର ମ୍ୟାନେଜର ସିଏଚ. ଦୟାନନ୍ଦ ରେଡି ଆସିଷ୍ଟାଣ୍ଟ ମ୍ୟାନେଜର ଏମ୍. ସମରେନ୍ଦ୍ର ସେନାପତି, ମନ୍ଦିର ପରିଚାଳନା କମିଟିର ସଭାପତି ଏସ. ରାମମୋହନ ରାଓ, ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରାଙ୍କ ସମେତ ଶତାଧିକ ସହରବାସୀ ଉପସ୍ଥିତ ଥିଲେ ।

# ଶତାୟୁ କୃଷ୍ଣଭକ୍ତଙ୍କ ପରଲୋକ



**ଦିଗପହଣ୍ଡି,୧୦ ।୩(ସମିସ):** ଦିଗପହଣ୍ଡି ଏନଏସି ୧୧ ନଂ.ୱାର୍ଡ ପାଇକ ସାହି ବାସିନ୍ଦା ତଥା ଶ୍ରୀରାଧାକୃଷ୍ଣ ମହାପ୍ରଭୁଙ୍କ ପରମ ଭକ୍ତ ଉଲ୍ଲା ବେହେରାଙ୍କ ୧୦୫ ବର୍ଷ ବୟସରେ ମଙ୍ଗଳବାର ପରଲୋକ ଘଟିଛି । ବାର୍ଦ୍ଧକ୍ୟ ଜନିତ କାରଣରୁ ସେ କିଛି ଦିନ ଧରି ଅସୁସ୍ଥ ଥିଲେ । ପରଲୋକ ଖବର ପ୍ରଚାରିତ ହେବା ପରେ ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ତାଙ୍କ ମରାଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା ।

# ଏଚପିଭି ଟୀକାକରଣ କାର୍ଯ୍ୟକ୍ରମ

**ଛତ୍ରପୁର,୧୦ ।୩(ସମିସ):** ଛତ୍ରପୁର ବ୍ଲକ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚପିଭି ଟୀକାକରଣ ଅନୁଷ୍ଠିତ ହୋଇଥିଲା । ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷା ଏସ. ସାରଦା ରେଡୀ, ଜିଲ୍ଲା ପରିଷଦ ଜୋନ ନଂ ୨୧ ଛବିତା ବେହେରା, ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ଛତ୍ରପୁର ଏବିଡ଼ିଓ ସୁଧାଂଶୁ ଶେଖର ତରାଇ, ଯୁବନେତା ବନୋଜ ନାହାକ, ବାପି ଦାସ ଏବଂ ଏନ.ଦୁର୍ଯ୍ୟୋଧନ ରେଡି ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଏକ ନୂତନ ରୂପେ ରୋବୋଟିକ୍ ଆନାଲାଇଜାର ମେସିନ ଏବଂ ଆଇଆରଇଏଲ ଦ୍ୱାରା ପ୍ରଦତ୍ତ ହୋଇଥିବା ଆମ୍ବୁଲାନ୍ସ ଉଦ୍‌ଘାଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ସ୍ୱାଧୀନ ରଥଙ୍କ ତତ୍ତ୍ୱାବଧାନରେ ବିପିଏମ୍- ସୀମାଞ୍ଚଳ ପ୍ରଧାନଙ୍କ ନିର୍ଦ୍ଦେଶନା, ପିଏଚଇଓ- ବରୁଣ କୁମାର ପାଣିଗ୍ରାହୀଙ୍କ ସହଯୋଗ ଏବଂ ଶର୍ମିଷ୍ଠା ଦାସ, ସୁଚିସ୍ମିତ ବେହେରା, ଶ୍ରୀକାନ୍ତ ଚୌଧୁରୀ, ରଞ୍ଜନ ରାଉଳ, ସାଗର ନାୟକ, ସୁଭାସିସ ସାହୁ, ସୁରଜ୍ କୁମାର ସାମନ୍ତରାୟ ସମସ୍ତଙ୍କ ତତ୍ତ୍ୱାବଧାନରେ ସମସ୍ତ ୧୪ ବର୍ଷରୁ ଉର୍ଦ୍ଧ ବାଳିକାଙ୍କୁ ଟୀକାକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।



# ଅଜଣା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର

**ବେଲଗୁଣ୍ଠା,୧୦ ।୩(ସମିସ):** ମଙ୍ଗଳବାର ସକାଳୁ ଭଞ୍ଜନଗର-ବେଲଗୁଣ୍ଠା ମୁଖ୍ୟରାସ୍ତା କଡ଼ ଏକ ମୁଗ ଚାଷ ଜମିରେ ଗୋଟିଏ ଗଳିତ ଶବ ଉଦ୍ଧାର ହୋଇଛି । ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛନ୍ତି । ମୃତ ଶରୀର ପଚି ଯାଇଥିବାରୁ ତାଙ୍କୁ ଚିହ୍ନି ହେଉନାହିଁ । ପୁଲିସ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ରହ୍ମପୁର ବଡମେଡିକାଲ ବ୍ୟବଚ୍ଛେଦ କରାଇଛନ୍ତି । ଶବର ପରିଚୟ ମିଳିନଥିବାରୁ ଏଫ୍‌ଏମ୍‌ଟି ବିଭାଗରେ ଶବକୁ ୭୨ ଘଣ୍ଟା ରଖାଯିବ । ଶବ ମିଳିବା ଜାଗାଠାରୁ କିଛି ଦୂରରେ ଦୁଇଟି ବ୍ୟାଗ୍ ପଡ଼ିଥିବାବେଳେ ଉକ୍ତ ବ୍ୟାଗ୍‌ରେ କିଛି ପୋଷକ, ପାଣି ବୋତଲ ସହ କିଛି ଆବଶ୍ୟକ ସାମଗ୍ରୀ ଥିବା ଜଣାପଡ଼ିଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ବେଲଗୁଣ୍ଠା ଥାନା ଏଏସ୍‌ଆଇ ପିକେ ଛାଟେଇ ଘଟଣାର ତଦନ୍ତ କରୁଛନ୍ତି ।

# ଗଞ୍ଜେଇ ସହ ବାଇକ୍ ଜବତ; ଜଣେ ଗିରଫ

**ଦିଗପହଣ୍ଡି,୧୦ ।୩(ସମିସ):** ଦିଗପହଣ୍ଡି କୃଷି ଜିଲ୍ଲା କାର୍ଯ୍ୟାଳୟ ନିକଟରୁ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟାରେ ଅବକାରୀ କର୍ମଚାରୀ ବୃନ୍ଦ ଜଣେ ଯୁବକଙ୍କ ନିକଟରୁ ୫ କେଜି ୬ ଶହ ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି । ସେ ହେଲେ ଗଜପତି ଜିଲ୍ଲା ମୋହନା ଥାନା ହଲପଙ୍କା ଗ୍ରାମର ବିନୟ ରଇତ (୨୧) । ମୋହନାରୁ ଜଣେ ଯୁବକ କଳା ଓ ଲାଲ ରଙ୍ଗର ବାଇକ ଯୋଗେ ଗଞ୍ଜେଇ ନେଇ ବ୍ରହ୍ମପୁର ଯାଉଥିବା ଖବର ପାଇ ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା, ଦିଗପହଣ୍ଡି ଅବକାରୀ ଥାନା ଭାରପ୍ରାପ୍ତ ଓଆଇସି ଏନ. ତ୍ରିପତି, କନେଷ୍ଟବଳ ଆଲଫଲତା ସାହୁ, ବଳରାମ ପାତ୍ର, ରାଜେଶ ଜେନା, ସେକ୍. ରାଜେଶ୍ ଉଦ୍ଦିନ, ପୃଥ୍ୱୀରାଜ ସ୍ୱାଇଁ ପ୍ରମୁଖ କୃଷି ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଛକି ରହିଥିଲେ । ବ୍ରହ୍ମପୁର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ବାଇକ (ନଂ. ଓଡ଼ି ୦୭ ଏକ୍ସ -୬୨୪୬) କୁ ଅବକାରୀ କର୍ମଚାରୀ ଅଟକାଇ ତଲାସି କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା । ଅଭିଯୁକ୍ତ ବିନୟଙ୍କୁ ଅବକାରୀ ମାମଲାନଂ.୯୦/୨୫-୨୬ ଅନୁଯାୟୀ ବ୍ରହ୍ମପୁର ଜିଲ୍ଲା ଜଜ କୋର୍ଟକୁ ଚାଲାଣ କରାଯାଇଥିଲା । ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି । ତାଙ୍କ ନିକଟରୁ ବାଇକ ଓ ମୋବାଇଲ ଫୋନ ଜବତ କରାଯାଇଥିବା ଅବକାରୀ ରେଞ୍ଜ ଇନ୍ସପେକ୍ଟର ଜଣାଇଛନ୍ତି ।

# ଅଙ୍ଗନବାଡ଼ି କର୍ମୀଙ୍କୁ ମନ୍ତ୍ରୀ ପ୍ରତିନିଧିଙ୍କ ମାନସିକ ନିର୍ଯାତନା ଅଭିଯୋଗ

**ପୋଲସରା,୧୦ ।୩(ସମିସ):**

ପୋଲସରା ବ୍ଲକ ବାଲିଛାଇ ଫାଣ୍ଡି ଅନ୍ତର୍ଗତ ଝିଟିକାବାଡ଼ି ଅଙ୍ଗନବାଡ଼ି କର୍ମୀ ପ୍ରତିମା ପରିଡ଼ାଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗରେ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ପ୍ରତିନିଧି କାମ୍ପ ବାଡ଼େଇଙ୍କ ନାଁରେ ବାଲିଛାଇ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ କରିବାକୁ ଆସିଥିବାବେଳେ ଥାନା ବାରଣ୍ଡାରେ ଚେତା ହରାଇଥିଲେ ଅଙ୍ଗନବାଡ଼ି କର୍ମୀ । ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦରେ ଭର୍ତ୍ତି କରାଯାଇଛି । ସୂଚନା ମୁତାବକ, ଝିଟିକାବାଡ଼ି ଅଙ୍ଗନବାଡ଼ି କେନ୍ଦ୍ରରେ ୨୦୦୩ ମସିହାରୁ ଅଙ୍ଗନବାଡ଼ି କର୍ମୀ ଭାବେ ପ୍ରତିମା କାର୍ଯ୍ୟରତ । କିନ୍ତୁ ଗତ ଡିସେମ୍ବର ୨୦ରେ ମନ୍ତ୍ରୀଙ୍କ ପ୍ରତିନିଧି କାମ୍ପ କୋ÷ଣସି ଉଦ୍ଦେଶ୍ୟରେ ତାଙ୍କ ଘରକୁ ଆସିଥିବା ବେଳେ ସେହି ମାସ ୨୨ ତାରିଖରୁ ଲଗାତର ଭାବେ ଅଙ୍ଗନବାଡ଼ି କର୍ମ ଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିବା ତାଙ୍କ ସ୍ୱାମୀ ସତ୍ୟନାରାୟଣ ଦାଶ ଗଣମାଧ୍ୟମକୁ କହିଛନ୍ତି । ପ୍ରତିମା ଏବଂ ତାଙ୍କ ସ୍ୱାମୀ ସତ୍ୟନାରାୟଣଙ୍କ ଅଭିଯୋଗ ପ୍ରକାରେ କାମ୍ପ ବାଡ଼େଇ, ଭଗବାନ ଦାଶ ଏବଂ ଅନ୍ୟ କିଛି ସହଯୋଗୀ ପ୍ରାୟ ୪ମାସ ହେବ ବିଭିନ୍ନ ପ୍ରକାର ଧମକଚମକ ଦେଉଥିବା ବେଳେ ମାନସିକ ନିର୍ଯାତନା ଦେଇଆସୁଛନ୍ତି । ଏପରିକି ପ୍ରତିମା କୁଆଡ଼େ

- ଫାଣ୍ଡିରେ ଅଭିଯୋଗ ବେଳେ ଅଚେତ ହେଲେ କର୍ମୀ
- ମେଡ଼ିକାଲରେ ଅକ୍ସିଜେନ୍ ଲାଗି ଚାଲିଛି ଚିକିତ୍ସା

ଏକୁଟିଆ ଗଲେ ପିଛା କରୁଥିବା ପ୍ରତିମା ଥାନା ସମ୍ମୁଖରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ । ଜୋରଜବରଦସ୍ତି ତାଙ୍କ ଫଟୋ ଓ ଭିଡିଓ କରୁଥିବା ମଧ୍ୟ କହିଛନ୍ତି ।

ଏନେଇ ପ୍ରତିମାଙ୍କ ସ୍ୱାମୀ ପୂର୍ବରୁ ବିଜେପି ସଂଗଠନ ନେତୃତ୍ୱ ଏବଂ ମଣ୍ଡଳ ସଭାପତି ଏବଂ ଦଳୀୟ ନାରୀ ନେତ୍ରୀଙ୍କୁ ଅବଗତ କରାଇଥିବା ସୂଚନା ଦେଇଛନ୍ତି । କିନ୍ତୁ ଦଳ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା ବରଂ ମନ୍ତ୍ରୀଙ୍କ ପ୍ରତିନିଧି ଚାରିରିରୁ ବାହାର କରିଦେବାକୁ ଚାପ ପ୍ରୟୋଗ କରୁଥିବା କାରଣରୁ ଅଙ୍ଗନବାଡି କର୍ମୀ ଜଣକ ଅବସାଦରେ ରହି ଅସୁସ୍ଥ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି । ଏନେଇ ପ୍ରତିମା ପୋଲସରା ସିଡିପିଓଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିବା କହିଛନ୍ତି । ଗତ ରବିବାର ବିଶ୍ୱ ମହିଳା ଦିବସରେ ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କୁ ବ୍ୟକ୍ତିଗତ ସାକ୍ଷାତ କରି ଘଟଣା ସମ୍ପର୍କରେ କହିବା ଏବଂ କାମ୍ପ ବାଡେଇ ଙ୍କ ନାମରେ ଅଭିଯୋଗ କରିଥିଲେ ମଧ୍ୟ ମନ୍ତ୍ରୀ କଥାକୁ ଗୁରୁତ୍ୱ ନଦେଇ ଚାଲିଯାଇଥିଲେ ବୋଲି ପ୍ରତିମା ଓ ତାଙ୍କ ସ୍ୱାମୀ କହିଛନ୍ତି ।



ଆଜି ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ଗାଳିଗୁଲଜ କରିବାରୁ ନିଜକୁ ଅସୁରକ୍ଷିତ ମଣି ବାଲିଛାଇ ଫାଣ୍ଡିରେ ଜଣେ ଆଇପିଏସଙ୍କ ଉପସ୍ଥିତିରେ ଅଭିଯୋଗ ଦେବାବେଳେ ପ୍ରତିମା ସଂଜ୍ଞାହୀନ ହୋଇପଡ଼ିଥିଲେ । ପରେ ପୁଲିସ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହାୟତାରେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ଶ୍ୱାସକ୍ରିୟାରେ ସମସ୍ୟା ଯୋଗୁ ଅକ୍ସିଜେନ ଦିଆଯାଇ ଚିକିତ୍ସା ଚାଲିଛି । ଖବର ଲେଖାଯିବା ସୁଦ୍ଧା ବାଲିଛାଇ ଫାଣ୍ଡିରେ ପ୍ରାଥମିକ ରେଜିଷ୍ଟ୍ରେସନ ହୋଇଥିବା ଏବଂ କବିସୂର୍ଯ୍ୟନଗର ଥାନାକୁ ଅଭିଯୋଗ ହସ୍ତାନ୍ତର କରାଯାଇଥିବା ଫାଣ୍ଡି ଅଧିକାରୀ ବୈକୁଣ୍ଠ ନାଥ ଜେନା ସୂଚନା ଦେଇଛନ୍ତି । ଅନ୍ୟପଟେ ମତାମତ ପାଇଁ ମନ୍ତ୍ରୀଙ୍କ ପ୍ରତିନିଧି କାମ୍ପ ବାଡେଇଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ ।

### ପଦାରେ ପଡ଼ିଲା ପରିବହନ ମନ୍ତ୍ରୀଙ୍କ ବ୍ରହ୍ମପୁର ପ୍ରତି ଦରଦ

# ବ୍ରହ୍ମପୁର-ଭୁବନେଶ୍ୱର ଟିକେଟ ମୂଲ୍ୟ ୭୫ଟଙ୍କା ବୃଦ୍ଧି

ବ୍ରହ୍ମପୁର,୧୦ ।୩(ସମିସ): ରାଜ୍ୟରେ ଚାଲିଛି ନାମକୁ ମାତ୍ର ଲୋକଙ୍କ ସରକାର ହେଲେ କାମରେ କେବଳ ଲୋକ ଦେଖାଣିଆ। ଯାହା ବିଭିନ୍ନ ଘଟଣାରୁ ସ୍ପଷ୍ଟ ହୋଇସାରିଛି। ବର୍ତ୍ତମାନ ଆଉ ଏକ ଘଟଣା ପଦାକୁ ଆସିଛି ଯାହା ଖୋଦ୍ ପରିବହନମନ୍ତ୍ରୀଙ୍କ ନିଜ ବିଭାଗର ଆଉ ନିଜ ଅଞ୍ଚଳର। ଏଥିରୁ ସ୍ପଷ୍ଟ ହେଉଛି ମନ୍ତ୍ରୀଙ୍କର ନିଜ ନିର୍ବାଚନ ମଣ୍ଡଳୀ ତଥା ବ୍ରହ୍ମପୁର ସହରବାସୀଙ୍କ ପ୍ରତି କେତେ ଦରଦ।

ବ୍ରହ୍ମପୁରର ସିଟି ବସଷ୍ଟାଣ୍ଡ ସ୍ଥାନାନ୍ତର ପରେ ପ୍ରଶାସନ ପକ୍ଷରୁ ଯାତ୍ରୀବାହୀ ବସଗୁଡିକ ପାଇଁ ସ୍ୱତନ୍ତ୍ର ରୁଟ୍‌ଚାର୍ଟ କରାଗଲା। ଯାହାକୁ ସମସ୍ତ ଘରୋଇ ବସ ମାଲିକ ଗ୍ରହଣ କରି କାର୍ଯ୍ୟକାରୀ ମଧ୍ୟ କଲେ। ତେବେ ପ୍ରଶାସନର ଏହି ନିଷ୍ପତ୍ତିକୁ ଅବମାନନା କରି ଖୋଦ୍ ରାଜ୍ୟ ସରକାରଙ୍କ ସେ ପୁଣି ପରିବହନମନ୍ତ୍ରୀଙ୍କ ନିଜ ବିଭାଗ ଦ୍ୱାରା ପରିଚାଳିତ ରାଜ୍ୟ ସଡକ ପରିବହନ ନିଗମର ବସଗୁଡିକ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ଫଳରେ ଲୋକଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପୂର୍ବ ସରକାର ଅମଳରେ ଆରମ୍ଭ ହୋଇଥିବା 'ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ' ବସ ସେବାର ସମସ୍ତ ବସ ବ୍ରହ୍ମପୁର ସହର ମଧ୍ୟ ଦେଇ ଯାତାୟତ କରୁଥିଲା। ଯାହା ବର୍ତ୍ତମାନ ଆଉ ସହର ଭିତରକୁ ପ୍ରବେଶ ନକରି ବାଇପାସ ଦେଇ ବା ଜାତୀୟ



ରାଜପଥରେ ହଳଦିଆପଦର ବସଷ୍ଟାଣ୍ଡକୁ ଯାଉଛି। ଫଳରେ ଲୋକଙ୍କୁ ବସରେ ଯାତ୍ରା କରିବାକୁ ହେଲେ ହଳଦିଆପଦର ଅଥବା ଲାଞ୍ଜିପଲ୍ଲୀ କିମ୍ବା ଗୋପାଳପୁର ଛକକୁ ଯିବାକୁ ପଡୁଛି। ଯେଉଁଥିପାଇଁ ଲୋକଙ୍କୁ ବହୁ ପୂର୍ବରୁ ଏପରିକି ଅଧିକ ଖର୍ଚ୍ଚାନ୍ତ ହେବାକୁ ମଧ୍ୟ ପଡୁଛି। ସେପଟେ କେତେବେଳେ ବସ ନପାଇବାର ଆଶଙ୍କା ମଧ୍ୟ ରହୁଛି। ସହର ଭିତରକୁ ସମସ୍ତ ଘରୋଇ ବସ ଆସୁଥିବା ବେଳେ ପ୍ରଶାସନର ବିନା ଅନୁମତିରେ ତଥା ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରି ଓଏସଆରଟିସି କର୍ତ୍ତୃପକ୍ଷ ଏଭଳି ଏକତରଫା ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି। ସେପଟେ ବର୍ତ୍ତମାନ ସ୍ଥିତିରେ ଡିଜେଲ କିମ୍ବା ପେଟ୍ରୋଲ ମୂଲ୍ୟରେ

### ସହରରେ ପ୍ରବେଶ ନକରି ବାଇପାସ୍‌ରେ ଯାତାୟାତ କରୁଛି 'ଶ୍ରୀଜଗନ୍ନାଥ ଏକ୍ସପ୍ରେସ'

### ସମୟସାପେକ୍ଷ ଓ ଟ୍ରାଫିକ୍ ସମସ୍ୟା ଦୃଷ୍ଟିରୁ ନିଆଯାଇଛି ନିଷ୍ପତ୍ତି: ଓଏସ୍‌ଆର୍‌ଟିସି କର୍ତ୍ତୃପକ୍ଷ

କୌଣସି ବୃଦ୍ଧି ନହୋଇ ଅପରିବର୍ତ୍ତିତ ରହିଛି। କିନ୍ତୁ ଓଏସଆରଟିସି ପକ୍ଷରୁ ଚାଲୁଥିବା 'ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ'ରେ ବ୍ରହ୍ମପୁର ଠାରୁ ଭୁବନେଶ୍ୱରକୁ ଯାତ୍ରା ଭଡା ବା ଟିକେଟ ମୂଲ୍ୟରେ ୭୫ଟଙ୍କା ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ମୂଲ୍ୟ ୩୭୩ଟଙ୍କା ଥିବା ବେଳେ ବର୍ତ୍ତମାନ ୪୪୮ ଟଙ୍କାକୁ ବୃଦ୍ଧି କରାଯାଇଛି। ଯାହାକୁ ନେଇ ପୁଣି ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଓଏସଆରଟିସି ପକ୍ଷରୁ ପରିଚାଳିତ କୌଣସି ବସରେ ଟିକେଟ ମୂଲ୍ୟ ବୃଦ୍ଧି ପାଇନଥିବା ବେଳେ ଶ୍ରୀଜଗନ୍ନାଥ ଏକ୍ସପ୍ରେସରେ କାହିଁକି ଏଭଳି ମୂଲ୍ୟବୃଦ୍ଧି ବୋଲି ପ୍ରଶ୍ନ ଉଠିଛି। ସେପଟେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ମଧ୍ୟ ବିଭାଗ ପକ୍ଷରୁ କୌଣସି ସୂଚନା ନଥିବା ବେଳେ ଓଡିଶା ରାଜ୍ୟ ସଡକ ପରିବହନ ନିଗମ କର୍ତ୍ତୃପକ୍ଷଙ୍କ ଏହା ମନମାନି ବୋଲି ଅଭିଯୋଗ ହୋଇଛି। ବସରେ ଟିକେଟ ମୂଲ୍ୟ ବୃଦ୍ଧି ଓ ସହର ମଧ୍ୟରେ ବସ ଯାତାୟତ ନକରିବା ନେଇ ମନ୍ତ୍ରୀ ନିଜେ ଅବଗତ ଅଛନ୍ତି ନା ନାହିଁ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଏଭଳି ଅଭିଯୋଗର ପ୍ରତିକ୍ରିୟା ରଖିଛନ୍ତି ବ୍ରହ୍ମପୁର ଓଏସଆରଟିସି କର୍ତ୍ତୃପକ୍ଷ। ସହର ମଧ୍ୟରୁ ବସଷ୍ଟାଣ୍ଡ ସ୍ଥାନାନ୍ତର ପରେ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ରୁଟରେ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ଭଳି ଭଲଭୋ ବସ ଯାତାୟତରେ ସମସ୍ୟା ଉପୁଜୁଛି। ଖାସ କରି ଗିରିରୋଡ ଛକ ଓ କମ୍ପାପଲ୍ଲୀ ଓଭର ବ୍ରିଜ ପରେ ଲାଞ୍ଜିପଲ୍ଲୀ ଛକ ଠାରେ ବସ ବୁଲିବା ସମ୍ଭବପର ହେଉନାହିଁ। ଟ୍ରାଫିକ ଜାମ ସହିତ ନିର୍ଦ୍ଧାରିତ ସମୟରେ ବସ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟୁଛି। ସେଥିପାଇଁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସକୁ ସହର ବାହାରେ ବାଇପାସରେ ଚଲାଇବାକୁ ପଡୁଛି। ସେହିଭଳି ପୂର୍ବ ସରକାର ଅମଳରେ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ବସ ସେବାରେ ପୂର୍ବଭଳି ଯଦିଓ ମହିଳାଙ୍କ ପାଇଁ ୫୦ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି ତେବେ ଗତ ଫେବୃଆରୀ ପହିଲାରୁ ବିଭାଗୀୟ ନିଷ୍ପତ୍ତି ପ୍ରକାରେ ଟିକେଟ ମୂଲ୍ୟ ବୃଦ୍ଧି କରାଯାଇଛି। ପୂର୍ବରୁ ରହିଥିବା ଟିକେଟ ମୂଲ୍ୟ ଯଥେଷ୍ଟ କମ ଥିବା ବେଳେ ବର୍ତ୍ତମାନର ବର୍ଦ୍ଧିତ ଟିକେଟ ମୂଲ୍ୟ ସରକାରୀ ତଥା ଉଚିତ ବୋଲି କହିଛନ୍ତି ଓଏସଆରଟିସି ଅଧିକାରୀ ଅରବିନ୍ଦ ମହାନ୍ତି। ତେବେ ଜନସାଧାରଣଙ୍କ ସମସ୍ୟା ଓ ଦାବିକୁ ଅନୁଧ୍ୟାନ କରି ଆବଶ୍ୟକ ସ୍ଥଳେ ପୁନଃ ସମୀକ୍ଷା କରାଯାଇପାରେ ବୋଲି ସେ ସୂଚନା ଦେଇଛନ୍ତି।

## ହତ୍ୟା ଧମକ; ଜାକିଙ୍କ ବିରୋଧରେ ମାମଲା

ବ୍ରହ୍ମପୁର,୧୦ ।୩(ସମିସ): ସ୍ଥାନୀୟ ବଡବଜାର ଥାନା ଅନ୍ତର୍ଗତ ଶ୍ରୀରାମ ନଗର 'ଶାନ୍ତି ମାର୍ଗ' ନିବାସୀ ମହେଶ ତ୍ରିପାଠୀ ଓରଫ ଜାକିଙ୍କ ବିରୁଦ୍ଧରେ ବଡ଼ବଜାର ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଗତ ୮ ତାରିଖ ସନ୍ଧ୍ୟାରେ ଶ୍ରୀରାମ ନଗର ୩ୟ ଲାଇନ ନିବାସୀ ରୁଦ୍ର ଡାକୁଆଙ୍କୁ ଜାକି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏପରିକି ରୋହନ ଡାକୁଆ କୁଆଡେ ଗଲା ବୋଲି ପଚାରି ରୁଦ୍ରଙ୍କୁ ଗାଳିଗୁଲଜ କରିଥିଲେ। ପରେ ରୁଦ୍ର ଓ ତାଙ୍କର କିଛି ସହଯୋଗୀ ମହେଶ ଓରଫ୍ ଜାକିଙ୍କ ଘରକୁ ଯାଇ ପଚାରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବାପରେ ରୁଦ୍ରଙ୍କୁ ମହେଶ ଓ ତାଙ୍କର ପରିବାର ସଦସ୍ୟ ମାରପିଟ କରିଥିବା ନେଇ ରୁଦ୍ରଙ୍କ ଭଉଣୀ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଶାନ୍ତି ମାର୍ଗରେ ବୋମାମାଡ଼ ଘଟଣା; ୫ ଗିରଫ



ବ୍ରହ୍ମପୁର,୧୦ ।୩(ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମ ନଗର ଶାନ୍ତିମାର୍ଗ ଦ୍ୱିତୀୟ ଲାଇନ ନିବାସୀ ମହେଶ ତ୍ରିପାଠୀଙ୍କ ଘର ଉପରକୁ ହୋଇଥିବା ବୋମାମାଡ଼ ଘଟଣାରେ ପୁଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶ୍ରୀରାମ ନଗର ତୃତୀୟ ଲାଇନର ରୁଦ୍ର ଡାକୁଆ(୨୧), ଶିଶିର କୁମାର ବେହେରା (୨୦), ସନ୍ତୋଷ ଗୌଡ଼(୧୯), ଫାଷ୍ଟ ଗେଟ ପାଣିଗ୍ରାହୀ ନଗରର ମଣିକାନ୍ତ ରଥ(୨୨) ଓ କାଳୀ ପ୍ରସାଦ ମହାରଣା(୧୯)। ପୁଲିସ ଅଭିଯୁକ୍ତଙ୍କ ଠାରୁ ଘଟଣାରେ ବ୍ୟବହୃତ ଖଣ୍ଡା ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ମହେଶଙ୍କ ଘର ଉପରକୁ ବୋମାମାଡ଼ କରିବା ସହ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିବା ପୁଲିସ ତଦନ୍ତରେ ଜଣାପଡିଥିଲା। ଗତ ୮ ତାରିଖ ରାତିରେ ମହେଶ ଘରେ ଥିବାବେଳେ ୪ ରୁ ୫ଜଣ ଦୁର୍ବୃତ୍ତ ୨ଟି ବୋମାମାଡ଼ କରିବା ସହ ଖଣ୍ଡା ଧରି ଆତଙ୍କରାଜ କରି ସେଠାରୁ ଫେରାର ହୋଇଯାଇଥିଲେ। ବଡ଼ବଜାର ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ପହଞ୍ଚି ତଦନ୍ତ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିଥିଲେ।

## ଡକାୟତି ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୦ ।୩(ସମିସ): ଏକ ଡକାୟତି ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ସଦର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ ଗୁଣ୍ଡବନ୍ଧ ଗ୍ରାମର ଗୁଞ୍ଜନ ଜେନା ଓରଫ ଟପି (୩୬)। ପୂର୍ବରୁ ପୁଲିସ ଏହି ମାମଲାରେ ଦୁଇ କୁଖ୍ୟାତ ଅପରାଧୀ ଯଥା ଲାଠି ଗ୍ରାମର ପିଣ୍ଟୁ ଗୌଡ ଓରଫ 'ପାଣ୍ଡା' ଏବଂ ଶ୍ୟାମସୁନ୍ଦର ଗୌଡ ଓରଫ 'ଚେରୁ'କୁ ଗିରଫ କରିଥିଲା। ସେତେବେଳେ ସେମାନଙ୍କ ନିକଟରୁ ପୁଲିସ ଗୋଟିଏ ଖଣ୍ଡା, ଗୋଟିଏ କାତି, ଲଙ୍କା ଗୁଣ୍ଡ ପ୍ୟାକେଟ ଓ ମ୍ୟାପ ଜବତ କରିଥିଲା। ୨୦୨୫ମସିହା ନଭେମ୍ବର ୨୩ ରାତିରେ ସଦର ଥାନା ଅନ୍ତର୍ଗତ



ବାଇଗଣବାଡି ଗ୍ରାମ ନିକଟ ବିରିବାଡିଆ ଠାରେ ଥିବା ଏକ ନିଛାଟିଆ ସ୍ଥାନରେ କିଛି ଯୁବକ ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ଚଢ଼ଉ କରି ଚେରୁ ଓ ପଣ୍ଡାଙ୍କୁ କାବୁ କରିଥିବା ବେଳେ ଗୁଞ୍ଜନଙ୍କ ସମେତ ୩ଜଣ ଚମ୍ପଟ ମାରିଥିଲେ। ଏନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଆଜି ଫେରାର ଅଭିଯୁକ୍ତ ଗୁଞ୍ଜନକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ସୂଚନା ଦେଇଛନ୍ତି। ଅଭିଯୁକ୍ତ ପାଣ୍ଡା ନାଁରେ ପୂର୍ବରୁ ୯ଟି ଓ ଚେରୁ ନାଁରେ ୮ଟି ଡକାୟତି, ହତ୍ୟା ଉଦ୍ୟମ ଓ ଆର୍ମସ ଆକ୍ଟ ଭଳି ବିଭିନ୍ନ ସଙ୍ଗୀନ ମାମଲା ରହିଛି।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଋତୁସ୍ରାବଜନିତ ସ୍ୱାସ୍ଥ୍ୟ ଅଭିଯାନ

ବ୍ରହ୍ମପୁର,୧୦ ।୩(ସମିସ): ଟିପିସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଋତୁସ୍ରାବ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ୮ଟି ଜିଲ୍ଲାର ୧୦ହଜାରରୁ ଊର୍ଦ୍ଧ୍ୱ କିଶୋରୀ ଓ ମହିଳାଙ୍କୁ ଏସମ୍ପର୍କରେ ସଚେତନ କରାଯାଇଛି। ଋତୁସ୍ରାବ ସମ୍ପର୍କିତ ସଠିକ ସୂଚନା ଦେବା ସହ ସ୍ୱଚ୍ଛତା ଅଭ୍ୟାସକୁ ପ୍ରୋତ୍ସାହିତ କରିବା, ଋତୁସ୍ରାବ ନେଇ ଥିବା ଭ୍ରାନ୍ତ ଗଞ୍ଜାମ, କୋରାପୁଟ, କନ୍ଧମାଳ, ମାଲକାନଗିରି, ବୌଦ୍ଧ ଓ ନବରଙ୍ଗପୁର ସମେତ ବିଭିନ୍ନ ଜିଲ୍ଲାର ମହିଳାମାନଙ୍କ ପାଇଁ ୧୨ଟି ସ୍ୱତନ୍ତ୍ର ଅଧିବେଶନ ଆୟୋଜନ କରାଯାଇଥିଲା। ସ୍ୱଚ୍ଛତା ଅଭ୍ୟାସକୁ ଦୃଢ଼ କରିବାକୁ ଅଧିବେଶନ ସମୟରେ ଋତୁସ୍ରାବ ସ୍ୱଚ୍ଛତା ସାମଗ୍ରୀ ବଣ୍ଟନ କରାଯାଇଥିଲା। କିଟ୍ ଗୁଡ଼ିକରେ କଭର ସହିତ ପୁର୍ନବ୍ୟବହାରଯୋଗ୍ୟ ସାନିଟାରୀ ପ୍ୟାଡ୍, ହ୍ୟାଣ୍ଡ ଟାୱେଲ, ତରଳ ସାବୁନ୍



### ୧୦ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଓ କିଟ୍ ବଣ୍ଟନ

ଧାରଣାକୁ ଦୂର କରିବା ଦିଗରେ କମ୍ପାନୀ ପକ୍ଷରୁ ମହିଳାମାନଙ୍କୁ ଅବଗତ କରାଯାଇଛି।

ଟିପିଏସ୍‌ଓଡିଏଲ୍ ପକ୍ଷରୁ ସମଗ୍ର ଦକ୍ଷିଣ ଓଡ଼ିଶାରେ ୭୭ଟି ଅଧିବେଶନ ଆୟୋଜିତ ହୋଇଥିବା ବେଳେ ଗଞ୍ଜାମରେ ସର୍ବାଧିକ ୧୨ଟି, କୋରାପୁଟରେ ୧୧ ଓ ମାଲକାନଗିରିରେ ୧୦ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଗଜପତି, କନ୍ଧମାଳ, ନବରଙ୍ଗପୁର ଏବଂ ରାୟଗଡ଼ା ଠାରେ ୯ଟି ଲେଖାଏଁ ଅଧିବେଶନ ଆୟୋଜନ କରାଯାଇଥିବା ବେଳେ ବୌଦ୍ଧରେ ୮ଟି ଅଧିବେଶନ ଆୟୋଜିତ ହୋଇଛି। ଡାକ୍ତର, ସହାୟକ ନର୍ସ (ଏଏନ୍‌ଏମ୍), ନର୍ସ, ଏନଜିଓ ପ୍ରତିନିଧି ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ତାଲିମପ୍ରାପ୍ତ ବୃତ୍ତିଗତ କର୍ମଚାରୀମାନେ ଏହି ଅଧିବେଶନ ଗୁଡ଼ିକୁ ପରିଚାଳନା କରିଛନ୍ତି।

ଗ୍ରାମ ପଞ୍ଚାୟତ ସ୍ତରର ମହାସଂଘ (ଜିପିଏଲଏଫ), ସ୍ୱୟଂ ସହାୟକ ଗୋଷ୍ଠୀ, ଗୋଷ୍ଠୀ ସମ୍ବଳ ବ୍ୟକ୍ତି (ସିଆର୍‌ପି) ଏବଂ ମାଷ୍ଟର ବୁକ୍ କିପର (ଏମ୍‌ବିକେ)ଙ୍କ ସହାୟତାରେ ବିଦ୍ୟାଳୟ ବାହାରେ ଥିବା ବାଳିକା ଏବଂ ମହିଳାଙ୍କ ନିକଟରେ ପହଞ୍ଚିବା ପାଇଁ ଅନେକ ଗୋଷ୍ଠୀ ଭିତ୍ତିକ ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା। କିମ୍ବା ସାନିଟାଇଜର ଏବଂ ସୂଚନାମୂଳକ ଲିଫଲେଟ୍ ରହିଥିଲା। କାର୍ଯ୍ୟକ୍ରମରେ ୧୦,୧୧୦ଜଣ ସାମିଲ ହୋଇଥିବା ବେଳେ ତନ୍ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୧,୫୩୦ଜଣ, ମାଲକାନଗିରିରୁ ୧,୪୨୯ ଏବଂ କୋରାପୁଟରୁ ୧,୩୯୮ଜଣ ମହିଳା ଓ ବାଳିକା ରହିଛନ୍ତି। ସେହିପରି କନ୍ଧମାଳରେ ୧,୨୫୯ଜଣ, ରାୟଗଡ଼ା ଏବଂ ନବରଙ୍ଗପୁରରେ ଯଥାକ୍ରମେ ୧,୨୨୦ ଏବଂ ୧,୧୯୭ ଏବଂ ବୌଦ୍ଧ ଏବଂ ଗଜପତିରେ ୧,୦୪୯ ଏବଂ ୧,୦୨୮ ଜଣ କମ୍ପାନୀର ଏହି କାର୍ଯ୍ୟକ୍ରମଗୁଡ଼ିକରେ ସାମିଲ ହୋଇଥିଲେ। ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ମହିଳାଙ୍କ ସ୍ୱାସ୍ଥ୍ୟ, ସମ୍ମାନ ଓ ଆତ୍ମବିଶ୍ୱାସ ସୁନିଶ୍ଚିତ କରିବା ନିମନ୍ତେ ଋତୁସ୍ରାବଜନିତ ସ୍ୱାସ୍ଥ୍ୟ ସଚେତନତା ଏକାନ୍ତ ଆବଶ୍ୟକ। ଏଭଳି ପଦକ୍ଷେପ ମାଧ୍ୟମରେ କମ୍ପାନୀ ସଂପ୍ରଦାୟ ମଧ୍ୟରେ ଋତୁସ୍ରାବ ସମ୍ପର୍କିତ ଏକ ସୂଚନାପୂର୍ଣ୍ଣ ଆଲୋଚନାକୁ ପ୍ରୋତ୍ସାହିତ କରିବାରେ ସଫଳ ହେଉଛି। ଦକ୍ଷିଣଓଡ଼ିଶାର ଅତି ଦୁର୍ଗମ ତଥା ଜନଜାତିବହୁଳ ଅଞ୍ଚଳରେ ପହଞ୍ଚି ଋତୁସ୍ରାବ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ଦିଗରେ ଆମେ ଦୃଢ଼ ପରିକର ଅଟୁ।

### ଅଧାରୁ ପାଠ ଛାଡୁଛନ୍ତି ଅନୁସୂଚିତ ଜାତି ଓ ଜନଜାତି ପିଲା

## ଅଷ୍ଟମ ଶ୍ରେଣୀ ପରେ ବିଦ୍ୟାଳୟ ମାଡୁନାହାନ୍ତି ବହୁ ବିଦ୍ୟାର୍ଥୀ

ବ୍ରହ୍ମପୁର, ୧୦।୩ (ସମିସ): ରାଜ୍ୟରେ ଶିକ୍ଷାର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା ଆରମ୍ଭ କରିଥିବା ସତ୍ତ୍ୱେ ଅନୁସୂଚିତ ଜାତି(ଏସି) ଓ ଅନୁସୂଚିତ ଜନଜାତି (ଏସଟି) ବର୍ଗର ବହୁ ଛାତ୍ରଛାତ୍ରୀ ଅଧାରୁ ପାଠପଢ଼ା ଛାଡୁଥିବା ଘଟଣା ଚିନ୍ତାର ବିଷୟ ପାଲଟିଛି। ବିଶେଷକରି ୮ମ ଶ୍ରେଣୀ ପରେ ବହୁ ଛାତ୍ରଛାତ୍ରୀ ଆଉ ବିଦ୍ୟାଳୟରେ ପାଦ ଥାପୁନଥିବା ବିଧାନସଭାରୁ ମିଳିଥିବା ତଥ୍ୟରୁ ଜଣାପଡିଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରେ ରହିଥିବା ବିଦ୍ୟାଳୟରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ସେଥି ମଧ୍ୟରୁ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଏହି ସମସ୍ୟା ଅଧିକ ରହିଛି। ପରିବାରରେ ଅର୍ଥାଭାବ, ଅଭିଭାବକଙ୍କ ଅସଚେତନତା ଓ ଶିକ୍ଷାପ୍ରତି ଅନାଗ୍ରହ ଏହାର ପ୍ରମୁଖ କାରଣ ବୋଲି ଜଣାପଡିଛି। କେତେକ କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ପରିବାରର ଆର୍ଥିକ ସ୍ଥିତିରେ ସୁଧାରର ଆଣିବାକୁ ଯାଇ ଶ୍ରମିକ କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ନିୟୋଜିତ ରହୁଥିବାରୁ ସେମାନଙ୍କ ପାଠପଢ଼ାରେ ଡୋରି ବନ୍ଧା ହେଉଛି। ସେହିଭଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରେ ନିକଟରେ ଉଚ୍ଚ ବିଦ୍ୟାଳୟ ନଥିବା, ଯାତାୟାତ ସହିତ ହଷ୍ଟେଲ ସୁବିଧା ନଥିବାରୁ ଡ୍ରପ୍‌ଆଉଟ୍ ହାର ବଢୁଥିବା ଜଣାପଡିଛି। ବିଶେଷକରି ଝିଅମାନଙ୍କ କ୍ଷେତ୍ରରେ ଏହି ସମସ୍ୟା ଅଧିକ ହେଉଥିବା ପରିଲକ୍ଷିତ ହୋଇଛି।

ସୂଚନାଯୋଗ୍ୟ ଯେ, ଗତ ୨୦୨୩-୨୪ ଶିକ୍ଷାବର୍ଷରେ ୮ମ ଶ୍ରେଣୀରେ ଅନୁସୂଚିତ ଜନଜାତି(ଏସଟି) ବର୍ଗର ମୋଟ ୬୦୬ଜଣ ଛାତ୍ରଛାତ୍ରୀ ରହିଥିବାବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ୯ମ ଶ୍ରେଣୀରେ ଉକ୍ତ ବିଦ୍ୟାର୍ଥୀଙ୍କ ମଧ୍ୟରୁ ମାତ୍ର ୧୫୦ଜଣ ନାମ ଲେଖାଇଥିଲେ। ଅବଶିଷ୍ଟ ୪୫୬ଜଣ ଛାତ୍ରଛାତ୍ରୀଙ୍କ ଅଧାରୁ ପାଠପଢା ଛାଡ଼ିଛନ୍ତି। ସେହିପରି ଉକ୍ତ ବର୍ଷ ଅନୁସୂଚିତ ଜାତି(ଏସି) ବର୍ଗର ମୋଟ ୫୭ଛାତ୍ରଛାତ୍ରୀ ୮ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ପରବର୍ତ୍ତି ଶିକ୍ଷା ବର୍ଷରେ ୯ମ ଶ୍ରେଣୀରେ ମାତ୍ର ୨୨ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି।

### ୨ ବର୍ଷରେ ପାଠ ଛାଡ଼ିଛନ୍ତି ୯୩୩ ଏସ୍‌ଟି ଓ ୮୯ ଏସ୍‌ସି ଛାତ୍ରଛାତ୍ରୀ

ଅବଶିଷ୍ଟ ୩୫ଜଣ ବିଦ୍ୟାର୍ଥୀ ବିଭିନ୍ନ କାରଣରୁ ବିଦ୍ୟାଳୟ ଠାରୁ ନିଜକୁ ଦୂରେଇ ରଖିଥିଲେ। ଠିକ ସେହିପରି ୨୦୨୪-୨୫ ଶିକ୍ଷାବର୍ଷରେ ୮ମ ଶ୍ରେଣୀରେ ମୋଟ ୬୨୩ଜଣ ଏସଟି ବର୍ଗର ଛାତ୍ରଛାତ୍ରୀ ନାମ ଲେଖାଇ ଥିବାବେଳେ ଏହାର ପରବର୍ତ୍ତି ବର୍ଷ ୯ମ ଶ୍ରେଣୀରେ ମାତ୍ର ୧୪୬ଜଣ ବିଦ୍ୟାର୍ଥୀ ଅଧ୍ୟୟନ କରିଥିବା ଜଣାପଡ଼ିଛି। ଏବଂ ମୋଟ ୪୭୭ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ଉକ୍ତ ବର୍ଷ ୮ମ ଶ୍ରେଣୀରେ ମୋଟ ୭୭ଜଣ ଏସି ବର୍ଗର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ପରବର୍ତ୍ତି ଶିକ୍ଷା ବର୍ଷରେ ମାତ୍ର ୨୩ଜଣ ଛାତ୍ରଛାତ୍ରୀ ୯ମ ଶ୍ରେଣୀରେ ନାମ ଲେଖାଇଥିଲେ। ଅବଶିଷ୍ଟ ୫୪ଜଣ ବିଦ୍ୟାର୍ଥୀ ଶିକ୍ଷାଦାନରୁ ଦୂରେଇ ଯାଇଥିବା ବିଧାନସଭାରେ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି। ଏଭଳି ଭାବେ ଗତ ଦୁଇ ଶିକ୍ଷାବର୍ଷରେ ଅନୁସୂଚିତ ଜନଜାତି(ଏସଟି) ବର୍ଗର ମୋଟ ୯୩୩ଜଣ ଓ ଅନୁସୂଚିତ ଜାତି(ଏସି) ବର୍ଗର ୮୯ଜଣ ଛାତ୍ରଛାତ୍ରୀ ଡ୍ରପ ଆଉଟ ତାଲିକାରେ ରହିଛନ୍ତି। ବିଦ୍ୟାଳୟ ପରିସର ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ରହିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ମଧ୍ୟାହ୍ନ ଭୋଜନ, ମାଗଣା ପାଠ୍ୟପୁସ୍ତକ, ପୋଷାକ ଓ ହୋଷ୍ଟେଲ ସୁବିଧା ଯୋଗାଇ ଦିଆଯାଉଥିବା ସତ୍ତ୍ୱେ ଅନେକ ସ୍ଥାନରେ ଏହାର ସଠିକ୍ ପ୍ରୟୋଗ ହେଉନଥିବା ଅଭିଯୋଗ ହୋଇଛି। ଫଳସ୍ୱରୂପ ଅଷ୍ଟମ ଶ୍ରେଣୀ ପରେ ବହୁ ଛାତ୍ରଛାତ୍ରୀ ପାଠପଢ଼ା ଛାଡି ଦେଉଛନ୍ତି। ଏହି ସମସ୍ୟା ଦୂର କରିବା ପାଇଁ ଅଭିଭାବକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ସହିତ ଗ୍ରାମାଞ୍ଚଳରେ ଉଚ୍ଚ ବିଦ୍ୟାଳୟ ଓ ହୋଷ୍ଟେଲ ସଂଖ୍ୟା ବୃଦ୍ଧି କରିବା, ଶିକ୍ଷା ସମ୍ପର୍କିତ ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟକାରିତାର ଆବଶ୍ୟକତା ରହିଛି ବୋଲି ବହୁ ଶିକ୍ଷାବିତ୍ ମତ ରଖିଛନ୍ତି। ନଚେତ ଏହି ବର୍ଗର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯିବ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

### ପୀତବାସ ପଣ୍ଡା ହତ୍ୟା ମାମଲା

## ମଦନ ଓ ମଳୟଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଏବଂ ୪ ଅଭିଯୁକ୍ତଙ୍କ ଜାମିନ ଆବେଦନ ଶୁଣାଣି

ବ୍ରହ୍ମପୁର, ୧୦।୩ (ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ (ଦ୍ୱିତୀୟ) ଅଂଶୁମାନ ମହନ୍ତଙ୍କ କୋର୍ଟରେ ଶୁଣାଣି ହୋଇଛି। ପ୍ରଥମତଃ ଏମକେସିଜିରେ ଚିକିତ୍ସିତ ହେଉଥିବା ଗିରଫ କର୍ପୋରେଟର ମଳୟ ବିଶୋୟୀଙ୍କ ଅନ୍ତରୀଣ ଜାମିନ ସହିତ ସ୍ୱାସ୍ଥ୍ୟ ସମ୍ପର୍କିତ ପିଟିସନ ଉପରେ ଶୁଣାଣି ହୋଇଥିଲା। ଶୁଣାଣି ବେଳେ ଏମକେସିଜି ହସ୍ପିଟାଲର ଭେଷଜ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଏସ.ଏନ.ଜାଲି ଓ ଆସିଷ୍ଟାଣ୍ଟ ପ୍ରଫେସର ନିହାର ରଂଜନ ସାହୁ ଉଭୟେ ଆଭାସିରେ ହାଜର ହୋଇ ମଳୟଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସମ୍ପର୍କିତ ବିସ୍ତୃତ ବିବରଣୀ ଦେଇଥିଲେ। ବର୍ତ୍ତମାନ ସ୍ଥିତିରେ ମଳୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିଲେ ହେଁ ସମ୍ପୂର୍ଣ୍ଣ ସୁସ୍ଥ ନଥିବାରୁ ତାଙ୍କର ଚିକିତ୍ସା ଜାରି ରହିଥିବା ଡାକ୍ତର ସୂଚନା ଦେଇଥିଲେ। ମଳୟଙ୍କ ସ୍ୱାସ୍ଥ୍ୟ ଗୁରୁତର ଥିବା ନେଇ ତାଙ୍କ ଓକିଲ ଦୃଢ଼ ଯୁକ୍ତି କରିବା ପରେ ବିଚାରପତି ଭିସି ମାଧ୍ୟମରେ ଚିକିତ୍ସାଦଧୀନ ମଳୟଙ୍କ ସହ କଥା ହେବାକୁ ଚାହିଁଥିଲେ। ତେବେ ତାହା ସମ୍ଭବପର ନହେବାରୁ ହ୍ୱାଟ୍ସଅପ କଲ୍ ଯୋଗେ ସିଧାସଳଖ କଥା ହେବାକୁ ଉଦ୍ୟମ କରାଯାଇଥିଲା। ତେବେ ଡାକ୍ତରଙ୍କ ଠାରୁ ମଳୟଙ୍କ ସ୍ୱାସ୍ଥ୍ୟ ନେଇ ତଥ୍ୟ ହାସଲ ପରେ ତାଙ୍କର ଅନ୍ତରୀଣ ଜାମିନ ଆବେଦନକୁ ବିଚାରପତି ଖାରଜ କରିଥିବା କହିଥିଲେ। ତେବେ ପୂର୍ବରୁ ମଳୟଙ୍କ ସ୍ୱାସ୍ଥ୍ୟ ଖରାପ ଥିବା ଯୋଗୁଁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରି ତରବରିଆ

### ■ ଭିସି ମାଧ୍ୟମରେ ହାଜର ହୋଇ ମଳୟଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ରଖିଲେ ଡାକ୍ତର
### ■ ପରବର୍ତ୍ତୀ ଶୁଣାଣି ୧୨ରେ, 'ପେନ୍‌ଡ୍ରାଇଭ' ଗ୍ରହଣ କଲେନି ଅଭିଯୁକ୍ତଙ୍କ ଓକିଲ

ଭାବେ ଡିସଚାର୍ଜ କରି ଜେଲକୁ ନିଆଯିବା ଏବଂ ପୁଣି ଉକ୍ତ ରାତିରେ ଗୁରୁତର ଅବସ୍ଥାରେ ମଳୟଙ୍କୁ ଆଣି ଆଇସିୟୁରେ ଭର୍ତ୍ତି କରାଯିବା ଘଟଣାକୁ ନେଇ ହୋଇଥିବା ଅଭିଯୋଗରେ କୋର୍ଟ ସମସ୍ତ ରିପୋର୍ଟ ଉଭୟ ମେଡିକାଲ ଓ ଜେଲ କର୍ତ୍ତୃପକ୍ଷଙ୍କ ଠାରୁ ତଲବ କରିଛନ୍ତି। ତେବେ କୋର୍ଟଙ୍କ ପକ୍ଷରୁ ବାରମ୍ବାର ମେଡିକାଲ ରିପୋର୍ଟ ମଗାଯାଉଥିଲେ ହେଁ ଉଭୟ କର୍ତ୍ତୃପକ୍ଷ କୋର୍ଟଙ୍କ ଅବମାନନା କରି ରିପୋର୍ଟ ଦାଖଲ କରୁନଥିବା ମଳୟଙ୍କ ଓକିଲ ଯୁକ୍ତି କରିଥିଲେ। ଆସନ୍ତା ୧୨ତାରିଖରେ ପରବର୍ତ୍ତି ଶୁଣାଣି ଥିବା ବେଳେ ୧୨ତାରିଖ ସୁଦ୍ଧା କୋର୍ଟରେ ମେଡିକାଲ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ହୋଇଥିବା ଜଣାପଡିଛି।

ସେପଟେ ଗିରଫ ଆଇନଜୀବୀ ମଦନ ଦଳେଇଙ୍କ ଗୋଡରେ ରହିଥିବା ସମସ୍ୟା ଜନିତ ଚିକିତ୍ସା ଓ ଆବଶ୍ୟକସ୍ଥଳେ ଅସ୍ତ୍ରୋପଚାର ପାଇଁ ମଦନ ଦଳେଇ ଲିଖିତ ଭାବେ ସହମତି ପ୍ରକାଶ କରିବା ପରେ ତାଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ଏମକେସିଜିରେ ଭର୍ତ୍ତି ହେବାକୁ କୋର୍ଟ ଅନୁମତି ଦେବା ନେଇ ଆଶା ଉଦ୍‌ଜୀବିତ ହୋଇଛି। ଅପରପକ୍ଷେ ଗିରଫ ୪ଅଭିଯୁକ୍ତ କୁନ୍ଦନ କୁମାର, ଶିଶୁପାଳ ପାଶୱାନ, ବିପିନ ସ୍ୱାଇଁ ଓ ସୀମାଞ୍ଚଳ ନାୟକଙ୍କ ଜାମିନ ଆବେଦନ ଉପରେ ଶୁଣାଣି ହୋଇଥିଲା। ଯାହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘସମୟ ଧରି ଯୁକ୍ତିତର୍କ ମଧ୍ୟ ହୋଇଥିଲା। ତେବେ




କୌଣସି ନିଷ୍କର୍ଷରେ ନପହଞ୍ଚି କୋର୍ଟ ଆସନ୍ତା ୧୨ତାରିଖରେ ପରବର୍ତ୍ତି ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଥିଲେ। ମଳୟ ଓ ମଦନଙ୍କ ପାଇଁ ଆଇନଜୀବୀ ଦୀପକ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିବା ବେଳେ ଅନ୍ୟ ୪ଅଭିଯୁକ୍ତଙ୍କ ପାଇଁ ଚକ୍ରପାଣି ନାହକ ଓ ଆଶ୍ରିତ ବେହେରା ମକଦ୍ଦମା କରିଚାଳନା କରୁଥିଲେ। ସେପଟେ ସରକାରଙ୍କ ପକ୍ଷରୁ ନିୟୋଜିତ ସ୍ୱତନ୍ତ୍ର ପିପି କାଳି ଚରଣ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ। ପୂର୍ବରୁ ପୁଲିସ ପକ୍ଷରୁ ଦାଖଲ ପେନଡ୍ରାଇଭରେ ଯାଞ୍ଚ ବେଳେ ସମସ୍ୟା ଉପୁଜିବାରୁ ତାହାକୁ କୋର୍ଟ ଫେରାଇ ଦେଇଥିଲେ। ଆଜି ପୁଲିସ ପକ୍ଷରୁ ପୁଣି ଥରେ ୧୬ଟି ପେନଡ୍ରାଇଭ କୋର୍ଟରେ ଦାଖଲ କରିବାକୁ ଅଣାଯାଇଥିଲେ ହେଁ ତାହାକୁ ଅଭିଯୁକ୍ତଙ୍କ ଓକିଲମାନେ ଗ୍ରହଣ କରିବାକୁ ମନା କରିଦେଇଥିଲେ। ମୂଳ ମାମଲା ଅତିରିକ୍ତ ଜିଲ୍ଲା ଦୌରାଜଜ(ତୃତୀୟ) ସ୍ୱତନ୍ତ୍ର କୋର୍ଟରେ ଚାଲିଥିବା ବେଳେ ଉକ୍ତ କୋର୍ଟର ବିଚାରପତିଙ୍କ ଅନୁପସ୍ଥିତିରେ ମାମଲାର ଶୁଣାଣି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ(ଦ୍ୱିତୀୟ)ଙ୍କ କୋର୍ଟରେ ଅସ୍ଥାୟୀ ଭାବେ ଚାଲୁ ରହିଛି। ଏଣୁ ବର୍ତ୍ତମାନ କେବଳ ଜାମିନ ଆବେଦନ ଉପରେ ଶୁଣାଣି ଥିବା ଓ ମୂଳ କୋର୍ଟରେ ଉକ୍ତ ମାମଲା ରହିଥିବା ଦର୍ଶାଇ ପରବର୍ତ୍ତି ସମୟରେ ପେନଡ୍ରାଇଭ ସମେତ ଅନ୍ୟାନ୍ୟ ତଥ୍ୟ ଗ୍ରହଣ କରିବେ ବୋଲି ଯୁକ୍ତି ବାଢିଥିଲେ। ଫଳରେ ପୁଲିସ ପେନଡ୍ରାଇଭକୁ ଦାଖଲ କରିନପାରି ପୁଣି ଫେରାଇ ନେବାକୁ ବାଧ୍ୟ ହୋଇଥିବା ଜଣାପଡିଛି।

### ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ୧୦ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ସରକାରୀ କ୍ୱାର୍ଟର୍ସ

ଟିକାବାଲି,୧୦।୩(ସମିସ)




ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା କର୍ମଚାରୀ ଆବାସ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଏହି କ୍ୱାର୍ଟର୍ସ ରକ୍ଷାଣବେକ୍ଷଣ ଅଭାବରୁ ଭୂତକୋଠି ହୋଇ ପଡ଼ିରହିଛି। ଅନ୍ୟପଟେ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ଘର ନପାଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁଯାୟୀ, କେବଳ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ଡାକ୍ତର, ନର୍ସ, ଏନ୍‌ଆର୍‌ଏଚ୍‌ଏମ୍ କର୍ମଚାରୀ, ଆଉଟସୋର୍ସିଂ ଷ୍ଟାଫ୍ ଏବଂ ସୁରକ୍ଷା କର୍ମୀଙ୍କୁ ମିଶାଇ ପ୍ରାୟ ୮୦ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେହିପରି ଟିକାବାଲି ଅଧୀନରେ ଥିବା ଗାର୍ଡିଙ୍ଗିଆ, ପାବୁରିଆ ଓ ଗୁଟିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କୁ ମିଶାଇଲେ ଏହି ସଂଖ୍ୟା ୧୨୦ରୁ ଅଧିକ ହେବ। ଏତେ ସଂଖ୍ୟକ କର୍ମଚାରୀଙ୍କ ପାଇଁ ସରକାରୀ ଆବାସର ଆବଶ୍ୟକତା ଥିବାବେଳେ, ପରିସର ମଧ୍ୟରେ ଥିବା ପୁରୁଣା କ୍ୱାର୍ଟର୍ସର କାହିଁକି ମରାମତି କରାଯାଉ ନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଅଧିକାଂଶ କର୍ମଚାରୀ ବାଧ ହୋଇ ବାହାରେ ଅଧିକ ଟଙ୍କା ଘରଭଡ଼ା ଦେଇ ରହୁଛନ୍ତି। ଫଳରେ ଜରୁରୀକାଳୀନ ସମୟରେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ସମ୍ଭବ ହେଉନାହିଁ। ଏଥିରେ ରୋଗୀ ସେବା ମଧ ବାଧାପ୍ରାପ୍ତ ହେଉଛି।

ରକ୍ଷଣାବେକ୍ଷଣ ଅଭାବରୁ କାନ୍ଥ ଓ ଛାତର ପ୍ଲାଷ୍ଟର ଖସିଲାଣି, କବାଟ ଝରକା ଭାଙ୍ଗି ନଷ୍ଟ ହେବାକୁ ବସିଛି। ୧୦ ବର୍ଷ ଧରି ବ୍ୟବହାର ନହେବା ଫଳରେ ଏହା ସାପ ଓ ଅନ୍ୟାନ୍ୟ ବିଷଧର ଜୀବଜନ୍ତୁଙ୍କ ବାସସ୍ଥଳୀ ପାଲଟିଛ। ସ୍ୱାସ୍ଥ୍ୟକେନ୍ଦ୍ର ପରି ପରିଷ୍କାର ପରିଚ୍ଛନ୍ନ ସ୍ଥାନରେ ଏହି ଜରାଜୀର୍ଣ୍ଣ ଗୃହ କେବଳ ପରିବେଶ ନଷ୍ଟ କରୁନାହିଁ ବରଂ ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ି ବଡ଼ ଅଘଟଣର ଆଶଙ୍କା ସୃଷ୍ଟି କରୁଛି। ସରକାର ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବିକାଶ ଓ ରୂପାନ୍ତରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଟିକାବାଲିର ଏହି ଗମ୍ଭୀର ସମସ୍ୟା କିଭଳି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସୁନାହିଁ ତାହା ସମସ୍ତଙ୍କୁ ଚକିତ କରୁଛି। ୧୨୦ରୁ ଅଧିକ କର୍ମଚାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ପରିତ୍ୟକ୍ତ କ୍ୱାର୍ଟର୍ସକୁ ତୁରନ୍ତ ନବୀକରଣ କରାଯିବା କିମ୍ବା ସେଠାରେ ନୂତନ କର୍ମଚାରୀ ଆବାସ ନିର୍ମାଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ କର୍ମଚାରୀ ଦାବି କରିଛନ୍ତି।

## ତୁଳସୀପଲ୍ଲୀ ହାଇସ୍କୁଲର ବାର୍ଷିକ ଉତ୍ସବ



ଭଞ୍ଜନଗର,୧୦।୩(ସମିସ): ସ୍ଥାନୀୟ ତୁଳସୀପଲ୍ଲୀ କ୍ଷେତ୍ରମଣି ମଧ ଇଂରାଜୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି ବିଦ୍ୟାଳୟର ବାର୍ଷିକ ଉତ୍ସବ। ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ, ମୁଖ୍ୟବକ୍ତା ଭାବେ ଡକ୍ଟର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ସୋରଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ଦିଲୀପ କୁମାର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି, ସମିତି ସଭ୍ୟ ସମେତ ସାହିତ୍ୟିକ ଶ୍ୟାମା ପ୍ରସାଦ ମିଶ୍ର ଶିକ୍ଷକ, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ଭଂଜନଗର , ତୁଳସୀ ପଲ୍ଲୀ କ୍ଲଷ୍ଟରର( ସିଆରସିସି) ଅନୁପମା ସାହୁ, ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ବିକ୍ରମ କେଶରୀ ଭୋଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଡକ୍ଟର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ତେଜସ୍ମିତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ତିବ୍ବତ ସ୍ୱାଧୀନତା ପାଇଁ ଚନ୍ଦ୍ରଗିରିରେ ଶୋଭାଯାତ୍ରା



ମୋହନା,୧୦।୩(ସମିସ): ତିବ୍ବତର ସ୍ୱାଧୀନତା ସହ ପେଞ୍ଚେନ ଲାମାଙ୍କୁ ତୁରନ୍ତ ଚୀନ ସରକାର ଛାଡ଼ିବାକୁ ଦାବି କରିଛନ୍ତି ତିବ୍ବତୀୟ। ଆଜି ମୋହନା ବ୍ଲକ ଚନ୍ଦ୍ରଗିରିରେ ଏକ ଶୋଭାଯାତ୍ରା କରିଛନ୍ତି। ଚନ୍ଦ୍ରଗିରି ସ୍ଥିତ ତିବ୍ବତୀୟ ଫୁଣ୍ଟ ଶୋକଲିଂ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଚୀନ ବିରୋଧରେ ନାରାବାଜି ସହ ଅଞ୍ଚଳ ପରିକ୍ରମା କରିଛନ୍ତି ଶତାଧିକ ତିବ୍ବତୀୟ ମହିଳା, ପୁରୁଷ ଓ ସ୍କୁଲ ଛାତ୍ରଛାତ୍ରୀ। ସେମାନେ ଅଭିଯୋଗ କରିଛନ୍ତି ଯେ, ତିବ୍ବତ ଦେଶକୁ ଚୀନ ଆକ୍ରମଣ କରି ଦଖଲ କରିଛି। ସେହିଦିନଠାରୁ ତିବ୍ବତୀୟ ଦେଶ ଛାଡ଼ି ଭାରତରେ ଶରଣାର୍ଥୀ ହୋଇ ରହିଛନ୍ତି। ଏହା ପରଠାରୁ ତିବ୍ବତ ସ୍ୱାଧୀନତା ପାଇଁ ଆନ୍ଦୋଳନ କରି ଆସୁଛନ୍ତି। ଏଥିସହ ୧୯୯୫ରୁ ମାତ୍ର ୬ ବର୍ଷ ବୟସର ପେଞ୍ଚେନ ଲାମାଙ୍କୁ ଚୀନ ଅପହରଣ କରିନେଇଛି। ଇତି ମଧ୍ୟରେ ୩୧ ବର୍ଷ ବିତିଯାଇଥିଲେ ମଧ୍ୟ ପେଞ୍ଚେନ ଲାମାଙ୍କୁ ଚୀନ କେଉଁଠି ରଖିଛି ତାହାର କୌଣସି ପତ୍ତା ମିଳୁନି। ତେଣୁ ତୁରନ୍ତ ଚୀନକୁ ବାସନ୍ଦ କରିବାକୁ ଅନୁରୋଧ କରିଛନ୍ତି। ଏଥିସହ ତିବ୍ବତ ସ୍ୱାଧୀନତା ସହ ପେଞ୍ଚେନ ଲାମାଙ୍କୁ ମୁକ୍ତ ଦାବି କରିଛନ୍ତି ତିବ୍ବତୀୟ। ଏଥିପାଇଁ ସହାୟତା କରିବାକୁ ଭାରତ ସରକାର ସମେତ ବିଶ୍ୱର ସମସ୍ତ ଦେଶକୁ ନିବେଦନ କରିଛନ୍ତି। ଏହି ଶୋଭାଯାତ୍ରାରେ ତିବ୍ବତୀୟ ସେଟଲମେଣ୍ଟ ଅଧିକାରୀ କାର୍ମା, ମହିଳା ସଭାପତି ସେରିଙ୍ଗ ୟାଙ୍ଗଜୁମ ଓ ୟୁଥ କଂଗ୍ରେସ ସଭାପତି ଟେଂଜିନ ଫଙ୍ଗବେ ସାମିଲ ହୋଇଥିଲେ।

### ଜି.ଉଦୟଗିରି ଦେଇ ଭଲ୍‌ଭୋ ବସ୍ ଚଳାଚଳ ବନ୍ଦ ପ୍ରସଙ୍ଗ

## ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀଙ୍କୁ ଅଭିଯୋଗ ଜଣାଇଲେ ଅଞ୍ଚଳବାସୀ

ଜି.ଉଦୟଗିରି,୧୦।୩(ସମିସ): ଜି.ଉଦୟଗିରି ଦେଇ ଚାଲୁଥିବା ଏକ ମାତ୍ର ସରକାରୀ ଭଲ୍‌ଭୋ ବସ୍ (ଜଗନ୍ନାଥ ଏକ୍ସପ୍ରେସ୍) ୬ ମାସ ହେଲା ବନ୍ଦ ରହିଛି। କଳିଙ୍ଗା ଘାଟି ଭୂସ୍ଖଳନ ପରଠାରୁ ରାସ୍ତା ସଂକୀର୍ଣ୍ଣ ଦର୍ଶାଇ ଆଉ ଆସୁନି ଏହି ବସ୍। ଫଳରେ ଅଞ୍ଚଳବାସୀଙ୍କ ଜଗା ଦର୍ଶନ ପାଇଁ ପୂର୍ବ ସରକାର କରିଥିବା ଏହି ଯୋଜନା ଏବେ ବନ୍ଦ ହୋଇଯାଇଛି। ଜି.ଉଦୟଗିରି, କଳିଙ୍ଗା, ଭଞ୍ଜନଗର, ଜଗନ୍ନାଥ ପ୍ରସାଦ, ନୟାଗଡ଼ ଦେଇ ଚାଲୁଥିବା ଏହି ରାଇଘର-ପୁରୀ ଭଲ୍‌ଭୋ ବସ୍ ବନ୍ଦ ଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏନେଇ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି ଅଞ୍ଚଳବାସୀ।

କଳିଙ୍ଗା ଘାଟି ରାସ୍ତା ଭୂସ୍ଖଳନ ପୂର୍ବରୁ ଏହି ରାସ୍ତା ଦେଇ ବସ୍‌ଟି ଠିକ୍‌ରେ ଚାଲୁଥିଲା। ଘାଟି ରାସ୍ତାରେ ଭୂସ୍ଖଳନ ପରେ ବନ୍ଦ ହୋଇଥିବାବେଳେ ରାସ୍ତା ସ୍ୱାଭାବିକ ପରେ ମଧ ସଂକୀର୍ଣ୍ଣ ଆଳ ଦେଖାଇ ବନ୍ଦ ହୋଇଛି। ବିକଳ୍ପରେ ବାଲିଗୁଡା, ଫୁଲବାଣୀ, ଦଶପଲ୍ଲା, ନୟାଗଡ଼ ଦେଇ ଚାଲିଛି। କଳିଙ୍ଗା ଘାଟି ଦେଇ ଅନ୍ୟ ଭଲଭୋ ବସ ଚାଲୁଥିବା ବେଳେ ଏହା କିପରି ଯିବାରେ ଅସୁବିଧା ଦେଉଛି ତାହାକୁ ସହଜରେ ଅଞ୍ଚଳବାସୀ ଗ୍ରହଣ କରିପାରୁନ ଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀଙ୍କ ସହିତ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଶୀଘ୍ର ଏହି ରୁଟରେ ଉକ୍ତ ବସ୍ ଚଳାଚଳ କରିବାକୁ ଦାବି କରାଯାଇଛି।

## ଭାରୋତ୍ତୋଳିକା ଜ୍ୟୋସ୍ନାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା




ପାରଳାଖେମୁଣ୍ଡି,୧୦।୩(ସମିସ): ରାୟଗଡ଼ ବ୍ଲକ ପ୍ୟାକେଟ୍ ଗ୍ରାମର ଜ୍ୟୋସ୍ନା ଶବର ଭାରୋତ୍ତୋଳନରେ ଚାମ୍ପିଅନ ହୋଇ ଗତବର୍ଷ ରାଷ୍ଟ୍ରପତିଙ୍କ ଠାରୁ ବାଲ୍ ପୁରସ୍କାର ପାଇଥିଲେ। ପୁରୀ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜ୍ୟୋସ୍ନାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରକାଶ ଯେ ୨୦୧୯ରୁ ଜ୍ୟୋସ୍ନା ନିୟମିତ ଭାବେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସରେ ରହି ଶିକ୍ଷା ଲାଭ ସହ କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଛନ୍ତି। ପେକଟ ଗ୍ରାମ ଭଳି ପୁରପଲ୍ଲୀରୁ ଜ୍ୟୋସ୍ନାଙ୍କ ଏଭଳି ସଫଳତା ପାଇଁ ସମଗ୍ର ଗଜପତି ଜିଲ୍ଲା ଗର୍ବିତ। ଜ୍ୟୋସ୍ନାଙ୍କ ପିତା କୀର୍ତ୍ତନ ଶବର ଜଣେ କୃଷକ।

## ରାଇକିଆରେ ବିଜେଡି କର୍ମୀ ସମ୍ମିଳନୀ

**ଦଳ ପାଇଁ ନିସ୍ୱାର୍ଥପର ଭାବେ କାମ କରିବାକୁ ଆହ୍ୱାନ**




ରାଇକିଆ,୧୦।୩(ସମିସ): ସାଧାରଣ ନିର୍ବାଚନ ପରେ ବିଜୁ ଜନତା ଦଳ ତରଫରୁ ରାଇକିଆ ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ରାଇକିଆରେ ପ୍ରଥମ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ପଦ୍ମନାଭ ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ଜିଲ୍ଲା ମହିଳା ସଭାନେତ୍ରୀ ପୁନମ କହଁର, ଜିଲ୍ଲା ଉପସଭାପତି, ଯୁବ ସଭାପତି, ଜିଲ୍ଲା ଛାତ୍ର ସଭାପତି, ବ୍ଲକ ଓ ଏନଏସି ସଭାପତିଙ୍କ ସମେତ ରାଇକିଆର ସମସ୍ତ ନେତୃବୃନ୍ଦ ଯୋଗ ଦେଇଥିଲେ। ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ହୃଦୟରେ ରହିଥିବା ବେଳେ ଦଳ ପାଇଁ ନିସ୍ୱାର୍ଥପର ଭାବେ କାମ କରିବାକୁ ଦଳରେ ଅଛନ୍ତି ଏକାଧିକ ନେତୃବୃନ୍ଦ। ସମସ୍ତଙ୍କୁ ନେଇ ଦଳ ଆଗକୁ ବଢ଼ିବ। ପୁଣି ଥରେ ସରକାରକୁ ଆସିବ ବୋଲି ସମସ୍ତ ଅତିଥି ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ। ଏ ସରକାର କେବଳ ମିଛ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲାଇବା ସହ ରଙ୍ଗ ମାରିବାରେ ବ୍ୟସ୍ତ ଥିବାବେଳେ କୌଣସି ଜନହିତକର ଯୋଜନା କାର୍ଯ୍ୟକାରୀ କରିବାରେ ଅସମର୍ଥ ବୋଲି କହିଥିଲେ ପୂର୍ବତନ ମନ୍ତ୍ରୀ ଶ୍ରୀ ବେହେରା। ଆଗକୁ ଜନସାଧାରଣଙ୍କ ନିକଟରେ ପହଞ୍ଚି ତୃଣମୂଳ ସ୍ତରରୁ ଦଳକୁ ପୁଣି ସଂଗଠିତ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେବା ସହ ଦଳ ପାଇଁ ନିସ୍ୱାର୍ଥପର ଭାବେ କାମ କରି ସଂଗଠନକୁ ସୁଦୃଢ଼ କରିବାମୁ ଗୁରୁମନ୍ତ୍ର ଦେଇଥିଲେ। ବରିଷ୍ଠ କର୍ମୀ ଜୟାନନ୍ଦ ନାୟକ ସଂଯୋଜନା କରିଥିଲେ।

## ବ୍ୟାଘ୍ର ଦେବୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ଧରାକୋଟ,୧୦।୩(ସମିସ): ଧରାକୋଟଗଡ଼ର ଇଷ୍ଟଦେବୀ ମା'କୋଠରୀ ମନ୍ଦିର ପରିସରରେ ଥିବା ମା'ବ୍ୟାଘ୍ରଦେବୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜଜେମା ଶାନ୍ତି ପ୍ରିୟା ଗୀତାଞ୍ଜଳି ପୂର୍ଣ୍ଣାହୂତି ପ୍ରଦାନ କରିଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ସହଯୋଗ ପ୍ରଦାନ କରିଥିବା ବେଳେ ବ୍ରାହ୍ମଣ ସୀମାଞ୍ଚଳ ତ୍ରିପାଠୀ, ସନ୍ତୋଷ ମିଶ୍ର, ହେମନ୍ତ ଶତପଥୀ, ଭଗବାନ ତ୍ରିପାଠୀ ଏହି ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସମାପନ କରିଥିଲେ। ମୂର୍ତ୍ତିକାର ସଞ୍ଜୀବ ମହାପାତ୍ର ମା'ଙ୍କ ବିଗ୍ରହ ନିର୍ମାଣ କରିଥିବା ବେଳେ କର୍ତ୍ତା ଭାବରେ ରାମକୃଷ୍ଣ ପତ୍ରୀ ଓ ତାଙ୍କ ଧର୍ମପତ୍ନୀ ମମତା ମୁନି ଦାୟିତ୍ୱ ସଂପନ୍ନ କରିଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ସଭାପତି ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ଉପଦେଷ୍ଟା ମହନ୍ତ ଲଛମନ ଦାସ, ଶରତଚନ୍ଦ୍ର ରାଜ, ସୁନିଲ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ କୋଠରି ସାହି ଲୋକେ ସହଯୋଗ କରିଥିଲେ।

## ଭକ୍ତି ନୈବେଦ୍ୟର ପରିବେଶ ସଫେଇ



ପାରଳାଖେମୁଣ୍ଡି,୧୦।୩(ସମିସ): ପାରଳାଖେମୁଣ୍ଡିସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ଭକ୍ତି ନୈବେଦ୍ୟ ପକ୍ଷରୁ ସହର ଉପକଣ୍ଠ ଅଞ୍ଚଳରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇଥିଲା। ମହେନ୍ଦ୍ରତନୟା ନଦୀପାଶ୍ୱର, ନଦୀତୁଠ ଓ ଶ୍ମଶାନ ଘାଟରେ ଅନୁଷ୍ଠାନର କର୍ମକର୍ତ୍ତା ସଫେଇ କରିଥିଲେ। ଗାଧୁଆ ତୁଠରେ ଲୋକେ ବିଭିନ୍ନ ପୂଜାପରେ ଶ୍ମଶାନରେ ମଧ ସଫେଇ ସହ ଚାରାରୋପଣ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ପରିବେଶ ସଫେଇ କାର୍ଯ୍ୟକ୍ରମ ଜରିଆରେ ସମାଜକୁ ଏକ ଭଲ ବାର୍ତ୍ତା ଦେବାକୁ ପ୍ରଚେଷ୍ଟା କରାଯାଇଛି। ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ, ସମ୍ପାଦକ ଗୁରୁ ରଘୁନାଥ ପାତ୍ର, ସହସମ୍ପାଦକ ଆଦର୍ଶ ଦାସଙ୍କ ସମେତ ହରିହର ପଟ୍ଟନାୟକ, ରଶ୍ମି ରଞ୍ଜନ ସାହୁ, ବାଳକୃଷ୍ଣ ପାଣିଗ୍ରାହୀ ଓ ଡି. ମୋହନ ରାଓ ସଫେଇରେ ସାମିଲ ହୋଇଥିଲେ।

## ବିଜେପିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

ପୋଲସରା,୧୦।୩ (ସମିସ ): ପୋଲସରା ବ୍ଲକ ଷୋଡକ ପଞ୍ଚାୟତରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ଉପସ୍ଥିତିରେ ଷୋଡକ ପଞ୍ଚାୟତ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଯୁବନେତା ପୃଥ୍ୱୀରାଜ ଭଞ୍ଜଦେଓଙ୍କ ତତ୍ତ୍ୱାବଧାନ ଓ ସରପଞ୍ଚ ଉକ୍ରଳ ପ୍ରଧାନଙ୍କ ନେତୃତ୍ୱରେ ଷୋଡକ ପଞ୍ଚାୟତର ସମିତିସଭ୍ୟା ଗୀତା ସେଠୀ, ନାଏବ ସରପଞ୍ଚ କୀରଣ ମହାରଣା, ୱାର୍ଡର୍ ମେମ୍ବର ଯୁଗଳ ନାହାକଙ୍କ ସମେତ ବହୁ ଅନ୍ୟ ଦଳର କର୍ମୀ ବିଜେପିରେ ସାମିଲ ହୋଇଥିଲେ।

## ଭାଙ୍ଗିଲା ଡାଳ, ଟଳିଲା ବଡ଼ ବିପଦ

ଜି.ଉଦୟଗିରି,୧୦।୩(ସମିସ): ଜି.ଉଦୟଗିରି ଭେଟନାରୀ ଛକ ଟ୍ୟାକ୍ସିଷ୍ଟାଣ୍ଡ ନିକଟରେ ଏକ ବିରାଟ ଗଛଡ଼ାଳ ବିନା ମେଘ ପବନରେ ଭାଙ୍ଗି ପଡ଼ିଛି। ଏହା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିଲେ ମଧ୍ୟ ସେତେବେଳେ କେହି ନଥିବାରୁ ବଡ଼ ଅଘଟଣ ଟଳି ଯାଇଥିଲା। ଏହି ରାସ୍ତା ଦେଇ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଯିବାଆସିବା କରିଥାଆନ୍ତି। ଟ୍ୟାକ୍ସିଷ୍ଟାଣ୍ଡ ଯୋଗୁ ବହୁ ଯାନବାହାନ ରହି ଆସୁଥିଲା। ଖବର ପାଇ ଦମକଳ ବାହିନୀ ପହଞ୍ଚି ରାସ୍ତା ସଫା କରିଥିବା ବେଳେ ବିଦ୍ୟୁତ ବିଭାଗ କର୍ମଚାରୀ ବିଦ୍ୟୁତ ସରବରାହ ସ୍ୱାଭାବିକ କରିଥିଲେ।



## ସ୍ୱାଗତ ସାଙ୍ଗଠନିକ ସମର୍ଥନ ସମାରୋହ ସଭା

ଜଗନ୍ନାଥପ୍ରସାଦ,୧୦।୩(ସମିସ): ଜଗନ୍ନାଥପ୍ରସାଦ ବ୍ଲକ ଅଧୀନ ରାଉତି ପଞ୍ଚାୟତ ବଡଦାଣ୍ଡରେ ଗ୍ରାମବାସୀ ମାନଙ୍କ ତରଫରୁ ସ୍ୱାଗତ ସମର୍ଦ୍ଧନା ସଭା ଆୟୋଜନ କରାଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଓ ବର୍ଷିଆନ ନେତା ପ୍ରଭାକର ନାୟକ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ନୀଳାଞ୍ଚଳ ଖିଲାର, ମହେନ୍ଦ୍ର କୁମାର ପଣ୍ଡା, ମଣ୍ଡଳ ସଭାପତି ସରୋଜ କୁମାର ନାୟକ, ବିଡ଼ିପୁର ମଣ୍ଡଳ ସଭାପତି ଶଙ୍କର ନାରାୟଣ ପ୍ରଧାନ, କୁମ୍ଭାପଡା ସମିତିସଭ୍ୟ ଲିଲି ସାହାଣୀ, ଅଢେଇ ଗାଁ ସରପଞ୍ଚ ଲକ୍ଷ୍ମୀକାନ୍ତ ବିଶୋଇ, ନାରାୟଣ ବେହେରା, ଗ୍ରାମ୍ୟ ସଭାପତି କାଶୀନାଥ ପ୍ରଧାନ ପ୍ରମୁଖ ମଞ୍ଚାସିନ ରହିଥିଲେ ଓ ମଞ୍ଚାସିନ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଶେଷରେ ରାଉତି ଗ୍ରାମ ରାସ୍ତା ପାଇଁ ୫ କୋଟି ଟଙ୍କାର ଅନୁଦାନ କରି ଟେଣ୍ଡର ପ୍ରକ୍ରିୟା ସରିଥିବା ବିଧାୟକ ଶ୍ରୀ ନାୟକ ମତ ରଖିଥିଲେ।

## ମିନିଗାଁଗୁଡାକୁ ରାସ୍ତା ନିର୍ମାଣ ପାଇଁ ଦାବିପତ୍ର



ପାରଳାଖେମୁଣ୍ଡି,୧୦।୩(ସମିସ): କାଶୀନଗର ବ୍ଲକ କେ.ସୀତାପୁର ପଞ୍ଚାୟତ ଅନ୍ତର୍ଗତ ମିନିଗାଁଗୁଡା ଗାଁକୁ ରାସ୍ତା ନଥିବାରୁ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଆନ୍ଦୋଳନ ଏବଂ ଅଭିଯୋଗ ପରେ ମଧ ଗ୍ରାମବାସୀଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯାଉ ନଥିବାରୁ ଆଜି ଅଖିଳ ଭାରତ କିଷାନ୍ ମଜଦୁର ସଭା ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହନନଗାଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିବା ସହ ରାସ୍ତା ସମସ୍ୟାର ସମାଧାନ ନିମନ୍ତେ ଅନୁରୋଧ କରିଛନ୍ତି। ଯଦି ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନଦିଏ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

ପ୍ରାୟ ୬୦ରୁ ଅଧିକ ପରିବାରର ୫୦୦ ଊର୍ଦ୍ଧ୍ୱ ଜନବସତି ବିଶିଷ୍ଟ ଗ୍ରାମରେ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ରହିଛି। ବିଶେଷ କରି ଗ୍ରାମ ଠାରୁ ମୁଖ୍ୟ ସଡ଼କକୁ ମାତ୍ର ଦୁଇ କିଲୋମିଟର ରାସ୍ତା ନିର୍ମାଣ ହୋଇନଥିବାରୁ ଗ୍ରାମବାସୀଙ୍କୁ ଯାତାୟାତ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ରୋଗୀଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ଠାରୁ ଆରମ୍ଭ କରି ପିଲାମାନେ ପାଠପଢ଼ିବା ପାଇଁ ଯାତାୟାତର ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଛି। ବିଶେଷ କରି ବର୍ଷା ଋତୁରେ ଗ୍ରାମବାସୀ ନାହିଁନଥିବା ଅସୁବିଧାର ଭୋଗୁଛନ୍ତି। ଏହି ସମସ୍ୟାକୁ ନେଇ ବାରମ୍ବାର ବିଭିନ୍ନ ଗଣମାଧମ ଠାରୁ ଆରମ୍ଭ କରି ଗ୍ରାମବାସୀ ବହୁବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ରାସ୍ତା ନିର୍ମାଣର କାର୍ଯ୍ୟ ହୋଇପାରିନାହିଁ। ଜିଲ୍ଲାସଦର ମହକୁମା ଠାରୁ ୧୦ କିମି ଦୂରତାରେ ରହିଥିଲେ ମଧ ଦୀପ ତଳେ ଅନ୍ଧାର ସଦୃଶ୍ୟ ପାଲଟିଛି ବୋଲି ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଅଖିଳଭାରତ କିଷାନ ମଜଦୂର ସଭାର କେଦାର ଶବର, କେ.ସୀତାପୁର ସରପଞ୍ଚ କେ. ତେଜେଶ୍ୱର ରାଓଙ୍କ ସହ ଗ୍ରାମବାସୀ ଉପସ୍ଥିତଥିଲେ।

### ରାଜ୍ୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା 'ଫିରିଙ୍ଗିଆ କପ୍' ଉଦ୍‌ଘାଟିତ

# ଉଦ୍‌ଘାଟନୀ ମ୍ୟାଚ୍ ଜିତିଲା ଫିରିଙ୍ଗିଆ କ୍ଲବ୍

ଫିରିଙ୍ଗିଆ,୧୦।୩(ସମିସ)



ଫିରିଙ୍ଗିଆ ବ୍ଲକ କ୍ରୀଡ଼ା ସଙ୍ଘ ଦ୍ୱାରା ପ୍ରଥମ ବାର୍ଷିକ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଫିରିଙ୍ଗିଆ କପ୍ ଉଦଘାଟିତ ହୋଇଛି। ସଂଘ ସଭାପତି ଶିବଶଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ବରିଷ୍ଠ ସମାଜସେବୀ ବିଜେଡି ନେତା ତଥା ବିଜେଡି ଉପସଭାପତି ଟୁନା ଦାସ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷା ନମିତା କହଁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ବିଜେଡି ନେତା ପ୍ରମୋଦ ସାହୁ, ବାଲିଗୁଡା ବିଧାୟକ ପ୍ରତିନିଧି ଅବନୀକାନ୍ତ, ସାରଙ୍ଗଡ଼ ଅଞ୍ଚଳର ବରିଷ୍ଠ କ୍ରୀଡା ସଂଗଠକ ସହଦେବ ପାତ୍ର, ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ବରିଷ୍ଠ ଶିକ୍ଷକ କାମେଶ୍ୱର କହଁର, ବାଲିଗୁଡା ବିଜେଡି ସଭାପତି ସବେଦ ଖାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଫିରିଙ୍ଗିଆ ଫୁଟବଲ କ୍ଲବ ସହ ଆଫ୍ରିକେନ ଫୁଟବଲ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହୋଇଥିଲା। ଏଥିରେ ଆଫ୍ରିକେନ ଏଫସିକୁ ୨-୧ ଗୋଲରେ ହରାଇ ଫିରିଙ୍ଗିଆ ଏଫସି ବିଜୟୀ ହୋଇଛି। ଉଦଘାଟନୀ ମ୍ୟାଚ୍‌କୁ ରାଜ୍ୟସ୍ତରୀୟ କ୍ରୀଡ଼ା ପରିଚାଳକ ପରିଚାଳନା କରିଥିଲେ। ୭ ଦିନ ଧରି ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ହେବାକୁ ଥିବାବେଳେ ୧୬ ତାରିଖରେ କଟକ ମହିଳା ଫୁଟବଲ ଦଳ ସହ ସମ୍ବଲପୁର ମହିଳା ଦଳ ସହିତ ପ୍ରଦର୍ଶନୀ ଫୁଟବଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ମିଳିଛି। କ୍ଲବ ସଭାପତି କେଶବ କହଁର, ବିଭୁଦତ୍ତ ମୁଖି, ଚନ୍ଦ୍ର ମୋହନ ନାୟକ, ନୀଳଗିରି ଦିଗାଲ, ଉପଦେଷ୍ଟାଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ମଉସାଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ପୁତୁରା ଗିରଫ



ଦିଗପହଣ୍ଡି,୧୦।୩(ସମିସ): ଦିଗପହଣ୍ଡି ବ୍ଲକ୍ ଭୀଷ୍ମଗିରି ଗ୍ରାମରେ ରବିବାର ମଉସାଙ୍କୁ ହତ୍ୟା ଉଦ୍ୟମ ଘଟଣାରେ କୁନା ସାହୁ ନାମକ ଯୁବକଙ୍କୁ ଗିରଫ କରିଛି ପୁଲିସ। କୁନା ତାଙ୍କ ମଉସା ସୀମାଞ୍ଚଳ ସାହୁ(୮୦)ଙ୍କ ବେକକୁ ଛୁରିରେ କାଟି ହତ୍ୟା ଉଦ୍ୟମ କରିଥିଲେ। ଏ ନେଇ ସୀମାଞ୍ଚଳଙ୍କ ସ୍ତ୍ରୀ ପାଣ୍ଡି ସାହୁ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। କେ.ନୂଆଗାଁ ଥାନା ଜକର ଗ୍ରାମର କୁନାଙ୍କୁ ତଦନ୍ତକାରୀ ଅଧିକାରୀ ଆଇଆଇସି କିଶୋର କୁମାର ସାମଲ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ଉପ କାରାଗାରକୁ ପଠାଇ ଦିଆଯାଇଛି।

## ସାନ୍ଧ୍ୟ ଭ୍ରମଣବେଳେ ସୁନାମୁଦି ଲୁଟିନେଲେ ଦୁର୍ବୃତ୍ତ

ଦିଗପହଣ୍ଡି,୧୦।୩(ସମିସ): ଦିଗପହଣ୍ଡି ବ୍ଲକ୍ ପଦ୍ମନାଭପୁର ଗ୍ରାମର ଚିନ୍ନାରି ରାଘବ ସୁବୁଦ୍ଧି ରବିବାର ସାନ୍ଧ୍ୟ ଭ୍ରମଣରେ ଯାଉଥିବା ବେଳେ ଗାଁ ଶେଷ ମୁଣ୍ଡରେ ଜଣେ ହେଲମେଟ୍ ପିନ୍ଧିଥିବା ଦୁର୍ବୃତ୍ତ ତାଙ୍କୁ ଅଟକାଇ ଆଙ୍ଗୁଠିରୁ ସୁନାମୁଦି ଲୁଟି ନେଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ଜଣକ ସ୍କୁଟି ରଖି ରାସ୍ତାକଡ଼ରେ ଠିଆ ହୋଇଥିଲେ। ରାଘବଙ୍କୁ ପାଖକୁ ଡାକି ନମସ୍କାର କରିବା ସହ କଥାବାର୍ତ୍ତା କରିଥିଲେ। ପରେ ହ୍ୟାଣ୍ଡସେକ୍ କରିବା ବାହାନାରେ ରାଘବଙ୍କ ଆଙ୍ଗୁଠିରୁ ସୁନାମୁଦିକୁ ଟାଣି ନେଇ ଚମ୍ପଟ ମାରିଥିଲେ। ରାଘବ ଦିଗପହଣ୍ଡି ଥାନାରେ ପହଞ୍ଚି ଏ ନେଇ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର ସାମଲ ମାମଲା ରୁଜୁ କରିଛନ୍ତି। ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ଦିଲ୍ଲୀପ ଗୋରଡ଼ା ଏହି ଘଟଣାର ତଦନ୍ତ ଚଳାଇଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କୀର୍ତ୍ତିସ୍ତମ୍ଭ ସ୍ଥାପନ

କୋଦଳା,୧୦।୩(ସମିସ): କୋଦଳା ବିଜେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନବନିର୍ମିତ ମହାଲକ୍ଷ୍ମୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା, ଗୋପୀନାଥ ଦେବଙ୍କ ଜୀର୍ଣ୍ଣୋଦ୍ଧାର ପ୍ରସାଦ ପ୍ରତିଷ୍ଠା ତଥା ସପ୍ତ ଦିବସ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ କୀର୍ତ୍ତି ସ୍ତମ୍ଭ (ଶୁଭଖୁଣ୍ଟି) ସ୍ଥାପନ କରାଗଲା। ମାନ୍ୟଗଣ୍ୟ ବୈଦିକ ପଣ୍ଡିତ ମାନଙ୍କ ତତ୍ତ୍ୱାବଧାନରେ ବରୁଣ ପୂଜା, ସ୍ୱସ୍ତିବାଚନ, ଭୂମିପୂଜନ, ଶାଲାର୍ଘ୍ୟ, କୀର୍ତ୍ତିସ୍ତମ୍ଭ ପୂଜନ, ଆଳତୀ, ପୁଷ୍ପାଞ୍ଜଳୀ ପୂର୍ବକ କୀର୍ତ୍ତିସ୍ତମ୍ଭକୁ ଆଡ଼ମ୍ବର ସହକାରେ ଗ୍ରାମ ପରିକ୍ରମା କରାଯାଇ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ରାହ୍ମଣ, କୋଦଳା ଗ୍ରାମବାସୀ, ଶ୍ରୀଜଗନ୍ନାଥ ମନ୍ଦିର ସେବାୟତ ମଣ୍ଡଳୀ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ, ଶ୍ରୀମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ ପରିଚାଳନା କମିଟି ସଦସ୍ୟ ତଥା ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଓକିଲ ସଂଘର କର୍ମକର୍ତ୍ତା ଚୟନ



କବିସୂର୍ଯ୍ୟନଗର,୧୦।୩(ସମିସ): କବିସୂର୍ଯ୍ୟନଗର ବାର୍ ଆସୋସିସନ କର୍ମକର୍ତ୍ତା ଚୟନ ଶେଷ ହୋଇଛି। ପୁଣି ଥରେ ଗତ ଥରର ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ଚୟନ ହୋଇଛନ୍ତି। ଏଥିପାଇଁ ସିଙ୍ଗଲ ନୋମିନେସନ ଫାଇଲ୍ ହୋଇଥିଲା। ଓଡିଶା ରାଜ୍ୟ ବାର୍ କାଉନସିଲରଙ୍କ ନିର୍ଦ୍ଦେଶ କ୍ରମେ କବିସୂର୍ଯ୍ୟନଗର ବାର୍ ଆସୋସିସନ ଇଲେକ୍ସନ ଅଫିସର ଭାବେ ପ୍ରଫୁଲ କୁମାର ଭୂୟାଁଙ୍କୁ ନିଯୁକ୍ତ କରାଯାଇଥିଲା। କବିସୂର୍ଯ୍ୟନଗର ବାର ଆସୋସିସନ ଜେନେରାଲ ବଡିରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା। ଚଳିତବର୍ଷ ପାଇଁ ସଭାପତି ଭାବେ ସୁକୁମାର ମାଝୀ, ଉପସଭାପତି ଅଶୋକ କୁମାର ମହାରଣା, ସମ୍ପାଦକ ଚଣ୍ଡୀପ୍ରସାଦ ପ୍ରଧାନ, ସହ ସମ୍ପାଦକ ଯଦୁକୁଳ ଚନ୍ଦ୍ର ପଟ୍ଟନାୟକ ପୁନର୍ବାର ମନୋନୀତ ହୋଇଛନ୍ତି। ସୋମବାର ନିର୍ବାଚନ ଅଧିକାରୀଙ୍କ ନିକଟରେ ସମସ୍ତ ପ୍ରାର୍ଥୀ ନିଜ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। କାର୍ଯ୍ୟକ୍ରମରେ ସହାୟକ ଇଲେକ୍ସନ ଅଫିସର ଭାବେ ପ୍ରଶାନ୍ତ କୁମାର ପୋଲାଇ ରହିଥିଲେ।

## ଗୌଡ଼ୀୟ ବେଦାନ୍ତ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଭକ୍ତ ସମ୍ମିଳନୀ

କୋଦଳା,୧୦।୩(ସମିସ): ଆନ୍ତର୍ଜାତୀୟ ଗୌଡ଼ୀୟ ବେଦାନ୍ତ ଟ୍ରଷ୍ଟ ଓ ଗୌଡ଼ୀୟ ବେଦାନ୍ତ ଏଜୁକେସନାଲ୍ ସୋସାଇଟିର ନିର୍ଦ୍ଦେଶନାରେ ପରିଚାଳିତ ଗୌଡ଼ୀୟ ବେଦାନ୍ତ ବିଦ୍ୟାଳୟ ଅଙ୍ଗାରଗାଁକୁ ସୋମବାର ଆନ୍ତର୍ଜାତୀୟ ଭକ୍ତମାନେ ଆଗମନ କରିଥିଲେ। ଏହି ଦଳରେ ବିଶ୍ୱର ୨୦ରୁ ଅଧିକ ଦେଶର ଭକ୍ତ ଯୋଗଦେଇଥିଲେ। ଶ୍ରୀଲ ଗୁରୁଦେବ ଓଁ ନିତ୍ୟଲୀଳା ପ୍ରବିଷ୍ଟ ବିଷ୍ଣୁପାଦ ଅଷ୍ଟୋତ୍ତରଶତ ଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜଙ୍କ ନିର୍ଦ୍ଦେଶନାରେ କୃଷ୍ଣଚେତନାର ଯେଉଁମାନେ ଅନୁସରଣ କରୁଛନ୍ତି ସେହି ଭକ୍ତମାନେ ଯୋଗ ଦେଇଥିଲେ। ଏହି ଆଗମନରେ ନେତୃତ୍ୱନେଇଥିଲେ ଶ୍ରୀମଦ୍ ବି.ଭି. ବନ ଗୋସ୍ୱାମୀ ମହାରାଜ, ଶ୍ରୀମଦ୍ ବି.ଭି. ଶ୍ରୀଧର ଗୋସ୍ୱାମୀ ମହାରାଜ, ଶ୍ରୀପାଦ ବି.ଭି. ବୋଧାୟନ ମହାରାଜ ସମେତ ଅନ୍ୟମାନେ। ଏଥିସହିତ ସ୍ଥାନୀୟ ପ୍ରମୁଖ ବ୍ୟକ୍ତି ବିଶେଷ ଏବଂ ଗୌଡିୟ ବେଦାନ୍ତ ବିଦ୍ୟାଳୟର ସ୍ଥାନୀୟ ପରିଚାଳନା କମିଟି ସଦସ୍ୟମାନେ ପ୍ରମୁଖ ଉପସ୍ଥିତ ରହିବା ସହ ସହଯୋଗ କରିଥିଲେ। ଭ୍ରମଣ ସମୟରେ ଏହି ଆନ୍ତର୍ଜାତୀୟ ଭକ୍ତମାନେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ବୈଦିକ ଶାସ୍ତ୍ରର ଶାଶ୍ୱତ ଜ୍ଞାନ ଆଧାରିତ ମୂଲ୍ୟବୋଧ ସମ୍ପନ୍ନ ଶିକ୍ଷାର ଗୁରୁତ୍ୱ ବିଷୟରେ ଅନୁପ୍ରେରଣା ଦେଇଥିଲେ।

# ବିନା ଫିଟ୍‌ନେସରେ ଚାଲିଛି ସରକାରୀ ଗାଡ଼ି; ବିପଦରେ କର୍ମଚାରୀ

କାଶୀନଗର,୧୦।୩(ସମିସ)







କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟେଣ୍ଡର ଦ୍ୱାରା ଚାଳିତ ଏକ ଗାଡ଼ି ବିନା ଫିଟ୍‌ନେସରେ ସରକାରୀ କର୍ମଚାରୀଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମକୁ ଯାଉଥିବା ଜଣାପଡିଛି। ସୂଚନା ମୁତାବକ ଉକ୍ତ ବୋଲେର ଗାଡ଼ି ପୂର୍ବରୁ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ କାର୍ଯ୍ୟକ୍ରମ ପରିଚାଳନା ୟୁନିଟରେ ଟେଣ୍ଡର ମାଧ୍ୟମରେ କାର୍ଯ୍ୟରତ ରହିଥିଲା। ଟେଣ୍ଡର ଶେଷ ହେବା ପରେ ବି ଉକ୍ତ ଗାଡ଼ି ଚାଲିଥିବା ଦେଖିବାକୁ ମିଳିଛି। ଗତ ଫେବୃୟାରୀ ମାସ ୬ତାରିଖରେ ଉକ୍ତ ଗାଡ଼ିର ଫିଟନେସ ସରିଯାଇଥିବା ଜଣାପଡ଼ିଛି । ୧୧ବର୍ଷ ୮ମାସର ଗାଡ଼ିକୁ କିପରି ଟେଣ୍ଡର ନିଆଯାଉଛି ତାହା ପ୍ରଶ୍ନବାଚୀ ହେଉଥିବା ବେଳେ ଟେଣ୍ଡର ଅନିୟମିତତାରେ ଚାଲିଥିବା ନେଇ ଅନ୍ୟ ଗାଡ଼ି ମାଲିକ ଅଭିଯୋଗ କରିଛନ୍ତି । ବ୍ଲକର ବିଭିନ୍ନ ପଞ୍ଚାୟତକୁ ରୋଗୀଙ୍କ ଚିକିତ୍ସା ନିମନ୍ତେ ଏକ ଡାକ୍ତର ଓ ଫାର୍ମାସିଷ୍ଟ ଓ ଅନ୍ୟ କର୍ମଚାରୀ ଏହି ବିନା ଫିଟନେସ ଗାଡ଼ିରେ ଯିବାଆସିବା କରୁଛନ୍ତି। ବ୍ଲକର ଏମିତି ବି କିଛି ସ୍ଥାନ ଅଛି ଯାହା ପାହାଡ଼ ପର୍ବତ ଉପରେ ରହିଛି। ସେଠାକୁ ଯାଇ ରୋଗୀଙ୍କ ଚିକିତ୍ସା କରୁଥିବା କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀ କହିଛନ୍ତି। ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯଦି ଏହି ବିନା ଫିଟନେସ ଗାଡ଼ିରେ ଯିବା ସମୟରେ କୌଣସି ଅଘଟଣ ଘଟି କର୍ମଚାରୀଙ୍କ ଅସୁବିଧା ହୁଏ ତେବେ ଦାୟୀ କିଏ ହେବ। ସେହିପରି କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀ ନିଜ ଜୀବନକୁ ବାଜି ଲଗାଇ ଏହି ଗାଡ଼ିରେ ଯାଉଥିବା ଅଭିଯୋଗ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜଙ୍କୁ ଏସମ୍ପର୍କରେ ଜଣାଇବା ପରେ ବି କୌଣସି ପଦକ୍ଷେପ ନେଉନାହାନ୍ତି। ଟେଣ୍ଡର ସରିବା ପରେ ଓ ଗାଡ଼ିର କାଗଜପତ୍ର ଯାଞ୍ଚ ନକରି କିପରି ଉକ୍ତ ଗାଡ଼ିକୁ ସରକାରୀ କାର୍ଯ୍ୟାଳୟରେ ବ୍ୟବହାର କରାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜଙ୍କ ଅବହେଳା ଯୋଗୁ ଏପରି ହେଉଥିବା କୁହାଯାଉଛି। ଇନ୍‌ଚାର୍ଜଙ୍କ ବିଭିନ୍ନ ଅବହେଳା ନେଇ ବାରମ୍ବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ପୂର୍ବରୁ ସ୍ଥାନୀୟ ଜନସାଧାରଣ, ଜନପ୍ରତିନିଧି ଅଭିଯୋଗ କରିଥିଲେ। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଯୋଗୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଗାଡ଼ି ସରକାରୀ ବୋର୍ଡ ଲଗାଇ ରାସ୍ତାରେ ବୁଲିବା ଦ୍ୱାରା ଆଞ୍ଚଳିକ ପରିବହନ ବିଭାଗ ହେଉକି ପୁଲିସ ଗାଡ଼ିର କାଗଜପତ୍ର ଯାଞ୍ଚ କରୁନାହିଁ। ପ୍ରଶାସନ ଉକ୍ତ ଗାଡ଼ିର କାଗଜପତ୍ର ଯାଞ୍ଚ କରିବା ସହ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଉଚିତ୍ ବୋଲି ମତ ପ୍ରକାଶ ପାଇଛି। ସେହିପରି ଜିଲ୍ଲା ପ୍ରଶାସନ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜଙ୍କୁ ବଦଳି କରିବା ନିମନ୍ତେ ଦାବି କରାଯାଇଛି।

## ରେଲୱେ କଲୋନୀରେ ମାଙ୍କଡ଼ ଉପଦ୍ରବ



ରମ୍ଭା,୧୦।୩(ସମିସ): ରମ୍ଭା ରେଲୱେ କଲୋନୀ ତଥା ଉପରୋକ୍ତ ଅଞ୍ଚଳରେ ମାଙ୍କଡ଼ଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଫଳରେ ସ୍ଥାନୀୟ ବାସିନ୍ଦା, ପଥଚାରୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କିଛିଦିନ ହେବ ମାଙ୍କଡ଼ ହିଂସ୍ର ହେବା ସହ ଘରୁ ବାହାରିଲେ ଲୋକଙ୍କୁ ଗୋଡ଼େଇ ଗୋଡ଼ଇ କାମୁଡୁଛନ୍ତି। ଛାତ୍ରଛାତ୍ରୀମାନେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ହାତରେ ବହିବସ୍ତାନି ସାଙ୍ଗକୁ ଟିଫିନ ବ୍ୟାଗ କିମ୍ବା ଫଳମୂଳ ଦେଖିଲେ ଛକି ରହିଥିବା ମାଙ୍କଡ଼ ପଲ ଆସି ଆକ୍ରମଣ କରୁଛନ୍ତି। ପିଲାମାନେ ଏକୁଟିଆ ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ତେଣୁ ବନବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅନ୍ତର୍ଜାତୀୟ ମହିଳା ଦିବସ

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ୪୦ ମହିଳା ସମ୍ବର୍ଦ୍ଧିତ

ଛତ୍ରପୁର,୧୦।୩(ସମିସ): ଆଦାନୀ ଫାଉଣ୍ଡେସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ଜିଲ୍ଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ବ୍ରହ୍ମପୁରର ଯୁଗ୍ମ ଶ୍ରମ କମିଶନର ସୁମିତ୍ରା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ, ଜଣେ ମହିଳା ନିଜର




ପ୍ରକୃତ ଶକ୍ତି କେବଳ କଠିନ ପରିସ୍ଥିତିରେ ହିଁ ବୁଝିପାରିଥାଏ। ଏଥିସହ ଆଦାନୀ ଫାଉଣ୍ଡେସନର ଏହି ପ୍ରୟାସ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆଗକୁ ବଢ଼ିବାକୁ ଏକ ନୂତନ ଦିଶା ପ୍ରଦାନ କରିବ ବୋଲି ସେ ଆଶା ପ୍ରକଟ କରିଥିଲେ। କାର୍ଯ୍ୟକ୍ରମରେ ଗୋପାଳପୁର ବନ୍ଦର ପାର୍ଶ୍ୱବର୍ତ୍ତୀ ବିଭିନ୍ନ ପଞ୍ଚାୟତ ତଥା ଛତ୍ରପୁର ବିଜ୍ଞାପିତ ଅଞ୍ଚଳର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଏଥିମଧ୍ୟରୁ ୩୦ ଜଣ ମହିଳା ଉଦ୍ୟୋଗୀ ଓ ସମାଜର ବିଭିନ୍ନ ବର୍ଗରେ ନିଜ ନିଜ କ୍ଷେତ୍ରରେ ସଫଳ ନେତୃତ୍ୱ ନେଇଥିବା ୧୦ ଜଣ ସଫଳ ମହିଳାଙ୍କୁ ମଧ୍ୟ ଫାଉଣ୍ଡେସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ସାନିଟାରୀ ନାପକିନ ଇନୋଭେଟିଭ ପ୍ରୋଜେକ୍ଟର ସ୍ନେହା ଗୌଡ଼, ରେଶମାରାଣୀ ଶତପଥୀ ଓ ଅମୃତା ସ୍ୱାଇଁ, ଶିଶୁକଳାକାର ମାଙ୍କେ, ଓଡିଶୀ ନୃତ୍ୟଗୁରୁ ଅଳକା ସାହୁ, ସମାଜସେବୀ ସମାପ୍ତି ପଣ୍ଡା ଏବଂ ଅନସ୍ଲୋ ଉଚ୍ଚ ବିଦ୍ୟାଳୟର ଭିନ୍ନକ୍ଷମ ଶିକ୍ଷୟିତ୍ରୀ ଉପାସନା ନନ୍ଦ ପ୍ରମୁଖ ଅନ୍ୟତମ। ଅନ୍ୟ ଅତିଥିଙ୍କ ମଧ୍ୟରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଛତ୍ରପୁର ଏନଏସି ଅଧକ୍ଷ୍ୟା ଶର୍ମିଷ୍ଠା ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଆଦିତି ଆଚାର୍ଯ୍ୟ, ଛତ୍ରପୁର ମହିଳା ମହାବିଦ୍ୟାଳୟ ଅଧକ୍ଷ୍ୟା ସୁମିତ୍ରା ମିଶ୍ର, ପିଏମ୍ ଶ୍ରୀ ଅନସ୍ଲୋ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ଏମକେସିଜି ମେଡ଼ିକାଲ ମାନସିକ ରୋଗ ବିଶେଷଜ୍ଞ ଡକ୍ଟର ଶର୍ମିଷ୍ଠା ଷଡ଼ଙ୍ଗୀ, ଜିଲ୍ଲା ଜେଣ୍ଡର ସମନ୍ୱୟ ଅଧିକାରୀ ମନୋରମା ସାହୁ, କାଳିପଲ୍ଲି ପଞ୍ଚାୟତ ସରପଞ୍ଚ ବି. ଲକ୍ଷ୍ମୀ ପାତ୍ର, ଗୋପାଳପୁର ବନ୍ଦର ମହିଳା କ୍ଲବ ଅଧକ୍ଷ୍ୟା ରଞ୍ଜିତା ପାତ୍ର ଏବଂ ସଦସ୍ୟା ନିରୂପମା ଶତପଥୀ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଥିବା ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବ ମାଧ୍ୟମରେ ମହିଳାମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କ ମନୋବଳ ବୃଦ୍ଧି କରିବା ହିଁ ଆଦାନୀ ଫାଉଣ୍ଡେସନର ଲକ୍ଷ ବୋଲି ଗୋପାଳପୁର ବନ୍ଦର ସିଏସଆର୍ ମୁଖ୍ୟ ଦେବଦତ୍ତ ମିଶ୍ର ମତପ୍ରକାଶ କରିଥିଲେ।

## ଅଙ୍ଗନବାଡ଼ି କର୍ମୀ ବିଜୟଲକ୍ଷ୍ମୀ ପୁରସ୍କୃତ



ଦିଗପହଣ୍ଡି,୧୦।୩(ସମିସ): ଦିଗପହଣ୍ଡି ବ୍ଲକ ଆଙ୍କୋରଡା ପଞ୍ଚାୟତର ଅଙ୍ଗନବାଡ଼ି କର୍ମୀ ପି. ବିଜୟଲକ୍ଷ୍ମୀ ଦୋରାଙ୍କୁ ଗଞ୍ଜାମ ଜିଲ୍ଲାର ଶ୍ରେଷ୍ଠ ଅଙ୍ଗନବାଡ଼ି କର୍ମୀ ଭାବେ ପୁରସ୍କୃତ କରାଯାଇଛି। ରବିବାର ଛତ୍ରପୁର ଠାରେ ଗଞ୍ଜାମ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ସମାରୋହରେ ତାଙ୍କୁ ସମ୍ମାନିତ କରାଯିବା ସହ ପୁରସ୍କୃତ କରାଯାଇଥିଲା। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ମୁଖ୍ୟ ଅତିଥି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ତାଙ୍କୁ ପୁରସ୍କୃତ କରିଥିଲେ।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ

ବୁଗୁଡ଼ା,୧୦।୩(ସମିସ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ତାକରଡା ପଞ୍ଚାୟତରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ୪୧ ଲକ୍ଷ ୪୫ ହଜାର ଟଙ୍କାରେ ବିଭିନ୍ନ ସ୍ଥାନରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଉକ୍ତ ପଞ୍ଚାୟତର ଖଦାଳ ସାହି ଫେବର ରୋଡ ପାଇଁ ୩ ଲକ୍ଷ ୪୫ ହଜାର ଟଙ୍କା, ବନ୍ଧସାହି କୋଠଘର ପାଇଁ ୫ ଲକ୍ଷ ଟଙ୍କା, ବାଦପଲ୍ଲୀ କୋଠଘର ପାଇଁ ୫ ଲକ୍ଷ ଟଙ୍କା, ଶାଳବଣୀ ଭାଗବତ ଟୁଙ୍ଗୀ ପାଇଁ ୩ ଲକ୍ଷ ଟଙ୍କା, ତାକରଡା ବଜାର ଗୃହ ପାଇଁ ୧୦ ଲକ୍ଷ ଟଙ୍କା, ଆଡୁଆ ସାହି ଫେବର ରୋଡ ପାଇଁ ୩ ଲକ୍ଷ ଟଙ୍କା, ଖଣ୍ଡିଆ ସାହି ଫେବର ରୋଡ ପାଇଁ ୬ ଲକ୍ଷ ଟଙ୍କା ଓ ତାକରଡା ଭାଗବତ ଟୁଙ୍ଗୀ ପାଇଁ ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ବିକାଶମୂଳକ କାର୍ଯ୍ୟର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ଦିଲ୍ଲୀପ ପ୍ରଧାନ, ସମିତି ସଭ୍ୟା ଜ୍ୟୋତି ନାୟକ, ମଣ୍ଡଳ ଭାଜପା ସଭାପତି ସୁନୀଲ ପ୍ରଧାନ, ବିଡିଓ ଦ୍ୱିତୀକୃଷ୍ଣ ପାତ୍ର, ଏବିଡ଼ିଓ ଧର୍ମରାଜ ପରିଡା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ କୁମାର ଗଡନାୟକ, ପଞ୍ଚାୟତର ୱାର୍ଡ ମେମ୍ବର ଏବଂ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

## 'ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ' ଆଲୋଚନାଚକ୍ର




ଛତ୍ରପୁର,୧୦।୩(ସମିସ): ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସ୍‌କଫ) ଗଞ୍ଜାମ ଜିଲ୍ଲା ପରିଷଦ ପକ୍ଷରୁ 'ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ, ବିନାଶ ନୁହେଁ ପ୍ରଗତି ଚାହୁଁ' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଛତ୍ରପୁର ସ୍ଥିତ ଲକ୍ଷ୍ମଣ ଭବନ ପରିସରରେ ଆୟୋଜିତ ଆଲୋଚନାଚକ୍ରରେ ଜିଲ୍ଲା ସଭାପତି ହର ପ୍ରସାଦ ରଥ ସଭାପତିତ୍ୱ କରିଥିଲେ। ଏଥିରେ ଜାତୀୟ ଉପସଭାପତି ଗୋକୁଳ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ଏନ୍ଏଫ୍ଆଇଡବ୍ଲୁ ନେତ୍ରୀ ଏନ. ଭାନୁମତି ରେଡ୍ଡୀ, ଜିଲ୍ଲା ସମ୍ପାଦକ କୈଳାଶ ପଲେଇ, ଯୁବନେତା ନୀଳକଣ୍ଠ ଦାଶ ଓ ଏସ. କ୍ରିଷ୍ଣା ରେଡ୍ଡୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶ୍ୱଶାନ୍ତି ଓ ଯୁଦ୍ଧର ଭୟାବହତା ସମ୍ପର୍କରେ ଆଲୋକପାତ କରିବା ସହ ଟ୍ରମ୍ପଙ୍କ ଇସାରାରେ ପରିଚାଳିତ ହେଉଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତୀବ୍ର ସମାଲୋଚନା କରିଥିଲେ। ପରେ ଇସ୍‌କଫ୍ ପକ୍ଷରୁ ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ମିଳିତ ଆକ୍ରମଣକୁ ତୁରନ୍ତ ବନ୍ଦ କରିବାକୁ ଦାବି କରାଯିବା ସହ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଔଧତ୍ୟ ଓ ଇସ୍ରାଏଲ ପକ୍ଷରୁ ନିରୀହ ଜନତାଙ୍କ ଉପରେ ମିସାଇଲ ଆକ୍ରମଣକୁ ନିନ୍ଦା କରାଯାଇଥିଲା। ସେହିପରି ମଧ୍ୟପ୍ରାଚ୍ୟ ଦେଶ ମାନଙ୍କରେ ଫସି ରହିଥିବା ଭାରତୀୟ ମାନଙ୍କୁ ଯଥାଶୀଘ୍ର ଫେରାଇ ଆଣିବାକୁ ଦାବି କରାଯିବା ସହ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ଆମେରିକା ତୁରନ୍ତ ମୁକ୍ତ କରିବାକୁ ମଧ ଦାବି କରାଯାଇଥିଲା। ଏଥିରେ ଏସ୍ ତ୍ରିନାଥ ରେଡ୍ଡୀ, ଏନ୍. ସୁକାନ୍ତ ଆଚାରୀ, ରାଜେନ୍ଦ୍ର ନାହାକ, ବାସୁଦେବ ସାହୁ, ଅନୁରାଗ ମିଶ୍ର ପ୍ରମୁଖ ବହୁ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।

## ବୃତ୍ତି ଏ ମୋ ପୋଷେ କୁଟୁମ୍ବ

# ୨୨ ବର୍ଷ ଧରି ଲୋକଙ୍କ ସେବାରେ 'ପେପର୍ ବାବୁ'



ପୋଲସରା,୧୦।୩(ସମିସ): ଟାଇଁ ଝାଞ୍ଜି ଖରା ହେଉ କି ଶ୍ରାବଣର ଢ଼ୋ ଢ଼ୋ ବର୍ଷା ଓ ମାଘ ମାସର ବାଘ ପରି କାଲୁଆ ଶୀତକୁ ଖାତିର ନଥାଏ। ମନରେ କେବଳ ଗୋଟିଏ ଲକ୍ଷ୍ୟ ଥାଏ ଲୋକଙ୍କ ନିକଟରେ ଖବର ପହଞ୍ଚାଇବା। ସେଥିପାଇଁ ପ୍ରତିଦିନ ଭୋର ୪ଟାରୁ ବିଛଣା ଛାଡ଼ି ନିତ୍ୟକର୍ମ ସାରି ଘରୁ ବାହାରି ପଡ଼ନ୍ତି ନିଜ ପୁରୁଣା ଲୁନାରେ। ବିଭିନ୍ନ ଖବର କାଗଜ ସବୁ ସଂଗ୍ରହ କରି ଗଳିକୁ ଗଳି ବୁଲି ଲୋକଙ୍କ ନିକଟରେ ପହଞ୍ଚାଇଥାନ୍ତି। ଏଭଳି ଜଣେ ନିଆରା ବ୍ୟକ୍ତିତ୍ୱ ହେଲେ ପୋଲସରା ମ୍ୟୁନିସିପାଲିଟି କାଳୀମନ୍ଦିର ସାହିର ଦିଗାମ୍ବର ଖଟେଇ। ଯାହାଙ୍କୁ ସ୍ଥାନୀୟ ଲୋକେ ଶ୍ରଦ୍ଧାରେ 'ପେପର ବାବୁ' ବୋଲି ଡାକନ୍ତି। ପାଖାପାଖି ୨୨ ବର୍ଷ ହେଲା ସେ ଏହି ସେବା ଯୋଗାଇ ଆସୁଛନ୍ତି। ମାତ୍ର ୧୮ ବର୍ଷ ବୟସରେ ସେ ଏହି ବୃତ୍ତିକୁ ଆପଣେଇଥିଲେ। ଏହି ବୃତ୍ତି ଆପଣାଇ ଢ଼େରେ ଖୁସିଥିବା କହିଛନ୍ତି ଦିଗାମ୍ବର। ବିଭିନ୍ନ ଖବର କାଗଜ ଧରି ଦୈନିକ ପାଖାପାଖି ୬୦ କିଲୋମିଟର ବୁଲନ୍ତି। ପୋଲସରା ଠାରୁ ତୁଙ୍କାପଡା, ଫକଳବାଡି, ଖୋଡକ, ମଧୁପଲ୍ଲୀ, କନିଆଁପାଲ୍ଲୀ ଭଳି ଦୂରଦୂରାନ୍ତ ଗାଁକୁ ଗାଁ ବୁଲନ୍ତି ଏବଂ ପାଖାପାଖି ଦିନ ୨ ଟାରେ ଘରକୁ ଫେରନ୍ତି। ସବୁ ସମୟରେରେ କାମ ସୁରୁଖୁରୁରେ ଚାଲିଥାଏ, କିନ୍ତୁ ବର୍ଷା ଦିନରେ ଅନେକ ସମୟରେ ଖବର କାଗଜ ସବୁ ବର୍ଷା ପାଣିରେ ଓଦା ହୋଇ ଯାଉଥିବାରୁ କ୍ଷତି ସହିବାକୁ ପଡ଼େ ବୋଲି କୁହନ୍ତି ଦିଗାମ୍ବର। ସେହିଭଳି ମାସିକିଆ ପଇସା ଦେଲାବେଳେ କିଛି ଗ୍ରାହକ ଅଧିକାଂଶ ସମୟରେ ହଇରାଣ ହରକତ କରୁଥିବା ଏବଂ ଖବର କାଗଜ ମିଳିବାରେ ଟିକେ ବିଳମ୍ବ ହୋଇଗଲେ ନାଲିଆଖି ଦେଖାଇ ପେପର ମଧ ଫେରାଇ ଦେଉଥିବା ସେ କହିଛନ୍ତି। ମାସ ପୁରିଲେ ୬୦ ହଜାର ଟଙ୍କାର ପେପର ବିଲ୍ ବୋଝକୁ ମୁଣ୍ଡରେ ନେଇ ପୁଣି ନୂଆ ସକାଳର ଆରମ୍ଭ କରିଥାନ୍ତି। ଦିନକୁ ଦିନ କାଗଜ ଦର ବୃଦ୍ଧି ପାଉଥିବାରୁ ଗ୍ରାହକଙ୍କ ସଂଖ୍ୟା ମଧ କମୁଛି। ଆଜିକାଲି ମୋବାଇଲରେ ଖବର ତୁରନ୍ତ ଆସୁଥିବାରୁ ଗ୍ରାହକ ସଂଖ୍ୟା କମିବା ଅନ୍ୟ ଏକ ପ୍ରମୁଖ ସମସ୍ୟା ପାଲଟିଥିବା ଦିଗାମ୍ବର କହିଛନ୍ତି। ଫଳରେ ଆଗକୁ ଯଦି କାଗଜ କମେ ତାହେଲେ ବୃତ୍ତି ଚଲାଇବା କାଠିକର ହେବ ବୋଲି ସେ କହିଛନ୍ତି। ବର୍ତ୍ତମାନ କହିବାକୁ ଗଲେ ମାସିକ ଗାଡ଼ି ପାଇଁ ତେଲ ବାବଦରେ ୪୫୦୦ ଟଙ୍କାକୁ ଛାଡି ୧୦ ହଜାର ଟଙ୍କା ମାତ୍ର ବଳକା ରହୁଥିବା ସେ କହିଛନ୍ତି। ସେ ଯାହା ବି ହେଉ ଲୋକଙ୍କ ନିକଟରେ 'ସକାଳ' ବାର୍ତ୍ତା ପହଞ୍ଚାଇ ନିଜ ପରିବାରକୁ ଖୁସିରେ ରଖିଥିବା କହିଛନ୍ତି ଦିଗାମ୍ବର। ତେବେ ପରିସ୍ଥିତି ଦୃଷ୍ଟିରୁ ଖବର କାଗଜ ମାଲିକ ହକର ପାଇଁ ଯଦି ଗାଡ଼ି ତେଲ ବାବଦରେ କିଛି ଅଲଗା ଦିଅନ୍ତେ ତେବେ ଭଲ ହୁଅନ୍ତା ବୋଲି ସେ କହିଛନ୍ତି।

## ସମବାୟ ପରିଚାଳନା ପ୍ରତିଷ୍ଠାନର ତାଲିମ୍ କାର୍ଯ୍ୟକ୍ରମ

ଗୋପାଳପୁର,୧୦।୩(ସମିସ): ସୋମବାର ସମବାୟ ପରିଚାଳନା ପ୍ରତିଷ୍ଠାନ, ଗୋପାଳପୁର ବେଳାଭୂମି ଆନୁକୂଲ୍ୟରେ ବ୍ରହ୍ମପୁର ଅଧିନସ୍ଥ ତିନିଗୋଟି ମହିଳା ବହୁମୁଖୀ ସମବାୟ ସମିତିର ପରିଚାଳନା ପରିଷଦର ସଭ୍ୟା ଏବଂ କର୍ମଚାରୀମାନଙ୍କ ନିମନ୍ତେ ଏକ ଦିବସୀୟ ସମବାୟ ଆଇନ୍ ଏବଂ ହିସାବ ରକ୍ଷଣାବେକ୍ଷଣ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଉପ ନିବନ୍ଧକ, ସମବାୟ ସମିତି ସମୂହ ରାମମୋହନ ପାତ୍ର, ଅବସରପ୍ରାପ୍ତ ଉପ ସହକାରୀ ନିବନ୍ଧକ ପ୍ରଶାନ୍ତ କୁମାର ସାହୁ, ଅବସରପ୍ରାପ୍ତ ଉପ ସହକାରୀ ସମୀକ୍ଷକ ଉଦୟନାଥ ପ୍ରଧାନ, ଅବସରପ୍ରାପ୍ତ ସମବାୟ ସମ୍ପ୍ରସାରଣ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ, ତାଲିମ କେନ୍ଦ୍ରର ଅଧକ୍ଷ ଡି. କ୍ରିଷ୍ଣାନନ୍ଦ, ଅଧାପିକା ମମତା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାମ ମୋହନ ପାତ୍ର ଏବଂ ପ୍ରଶାନ୍ତ କୁମାର ସାହୁ ଉଭୟ ସମବାୟ ଆଇନର ବ୍ୟାପକ ପରିସର ସମିତିର ଆର୍ଥିକ ଓ ସାମାଜିକ ଆକାଂକ୍ଷାଙ୍କ ପୂରଣ ନିମନ୍ତେ ସମିତିର ପ୍ରଶିକ୍ଷଣାର୍ଥୀ ମାନଙ୍କୁ ପ୍ରେରଣା ଦେଇଥିଲେ। ଉଦୟନାଥ ପ୍ରଧାନ ସମବାୟ ସମିତିର ହିସାବ ରକ୍ଷଣ ପଦ୍ଧତି ଉପରେ ତାଲିମ୍ ପ୍ରଦାନ କରିଥିଲେ। ଏଥିରେ ବ୍ରହ୍ମପୁର ଅଧିନସ୍ଥ ୩ଟି ମହିଳା ବହୁମୁଖୀ ସମବାୟ ସମିତିରୁ ୪୫ ଜଣ ପରିଚାଳନା ପରିଷଦର ସଭ୍ୟା ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ପିଏମ୍‌ଶ୍ରୀ ହାଇସ୍କୁଲରେ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ

ଭଞ୍ଜନଗର,୧୦।୩(ସମିସ): ଏଠାରୁ ପ୍ରାୟ ଦଶ କିଲୋମିଟର ଦୂର ପିମ୍ପଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ବାହାଡ଼ାପଦର ଠାରେ ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ବିଜ୍ଞାନ ଓ ଗଣିତ ଉପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅବସରପ୍ରାପ୍ତ ସହ-ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ରୋଟାରୀ କ୍ଲବ ସହ-ପ୍ରାନ୍ତପାଳ ସନ୍ତୋଷ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ଦାସ ଅତିଥିଭାବେ ଯୋଗଦେଇ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରି ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଜ୍ଞାନର ଅଭିବୃଦ୍ଧି ସହ ବକ୍ତବ୍ୟ ରଖି ବିଜ୍ଞାନ ଗଣିତର ପ୍ରାଧାନ୍ୟ ଉପରେ ବୁଝାଇଥିଲେ। ବିଚରାକଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିଗାମ୍ବର ପ୍ରଧାନ, ବରିଷ୍ଠ ବିଜ୍ଞାନ ଶିକ୍ଷକ ଉମାକାନ୍ତ ନାହାକ, ପ୍ରଧାନ ଶିକ୍ଷକ କେଦାରନାଥ ସେଠୀ, କାଳିଚରଣ ପରିଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ହୃଷୀକେଶ ନାୟକ ସଂଯୋଜନା ସହ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

